SPECIAL PROGRAMME ON

PROMOTION OF AGRICULTURE PRODUCTION CLUSTERS (APCS) IN TRIBAL REGIONS OF ODISHA

ଛେଳି ପାଳନ

ପ୍ରଶିକ୍ଷଣ ପୁସ୍ତିକା।



@ApcOdisha

APC Odisha

KEONJHAR

SPECIAL PROGRAMME ON

PROMOTION OF AGRICULTURE PRODUCTION CLUSTERS (APCS) IN TRIBAL REGIONS OF ODISHA

ଛେଳି ପାଳନ

ପ୍ରଶିକ୍ଷଣ ପୁସ୍ତିକା।



@ApcOdisha

APC Odisha

SUNDERGARH

SPECIAL PROGRAMME ON

PROMOTION OF AGRICULTURE PRODUCTION CLUSTERS (APCS) IN TRIBAL REGIONS OF ODISHA

ଛେଳି ପାଳନ

ପ୍ରଶିକ୍ଷଣ ପୁସ୍ତିକା।



@ApcOdisha

APC Odisha

ANUGUL

ଛେଳି ପାଳନ

ପ୍ରଶିକ୍ଷଣ ପୁସ୍ତିକା

ସୂଚୀପତ୍ର

	ବିଷୟ	ପୃଷ୍ଠା
୧.	**ଛେଳି ପାଳନ କାହିଁକି ?**	୦୧
୨.	**ଓଡ଼ିଶାରେ ମିଳୁଥିବା ଛେଳି ପ୍ରଜାତି ବା ନସଲ୍ ।**	୦୨
୩.	**ଦାନ୍ତଦେଖି ଛେଳିର ବୟସ ଜାଣିବା କେମିତି ?**	୦୪
୪.	**ଛେଳିଠାରୁ ଅଧିକ ଉତ୍ପାଦନ ପାଇଁ ମୂଳ ଆବଶ୍ୟକତା ।**	୦୫
୫.	**ଉତ୍ତମ ଛେଳି ଗୁହାଳ ।**	୦୬
୬.	**ଉତ୍ତମ ଖାଦ୍ୟ, ପାଣିର ବ୍ୟବସ୍ଥା ଓ ଖଣିଜ ଲବଣର ଉପକାରିତା ।**	୦୯
୭.	**ସଂକ୍ଷେପରେ ଛେଳିମାନଙ୍କର ସତନ୍ତ୍ର ଯତ୍ନ ।**	୧୪
୮.	**ଉତ୍ତମ ବୋଦା ର ଲକ୍ଷଣ ଏବଂ ଗୋଠରେ ପ୍ରଜନନ ।**	୧୬
	(କ) ଅଣ୍ଡିରା ଛେଳି (ବୋଦା)ର ଲକ୍ଷଣ	
	(ଖ) ଉତ୍ତମ ଗୁଣ ଥିବା ବୋଦା ଦ୍ୱାରା ସଂଗମ	
	(ଗ) ଅଣ୍ଡିରା ଛେଳିର ଖାସୁକରଣ (ଧରାଣ)	
୯.	**ପ୍ରଜନନର ନିୟମ ଏବଂ ମାଇଛେଳି ଓ ଛୁଆର ଯତ୍ନ ।**	୧୮ ରୁ ୨୧
	(କ) ପ୍ରଜନନ କ୍ଷମତା ପ୍ରାପ୍ତ ହେବା	
	(ଖ) ଉତ୍ତମ ମାଇଛେଳିର ଲକ୍ଷଣ	
	(ଗ) ଛେଳି ଗରମ ହେବା ଏବଂ ଏହାର ଲକ୍ଷଣ	
	(ଘ) ଗର୍ଭିଣୀ ଛେଳିର ଯତ୍ନ	
	(ଙ) ପ୍ରସବ ସମୟର ଲକ୍ଷଣ	
	(ଚ) ସୁଖ ପ୍ରସବ ନ ହେବାର ଲକ୍ଷଣ	
	(ଛ) ଫୁଲ କେତେବେଳେ ପଡ଼ିବ	
	(ଜ) ଛେଳିଛୁଆର ଯତ୍ନ	
୧୦.	**ଛେଳି ରୋଗ, ନିରାକରଣ ଏବଂ ପ୍ରାଥମିକ ଚିକିତ୍ସା ।**	୨୨ ରୁ ୪୭
	(କ) ପରଜୀବି ପ୍ରାଣୀ ଦ୍ୱାରା ହେଉଥିବା ରୋଗ	
	ଅନ୍ତଃପରଜୀବି ଦ୍ୱାରା ହେଉଥିବା ରୋଗ	
	ବାହ୍ୟ ପରଜୀବି ଜୀବାଣୁ ଓ ତା'ର ନିୟନ୍ତ୍ରଣ	
	(ଖ) କବକ ଜନିତ ରୋଗ	
	(ଗ) ଭୂତାଣୁ ଜନିତ ରୋଗ	
	(ଘ) ବୀଜାଣୁ ଜନିତ ରୋଗ	
	(ଙ) ଅନ୍ୟାନ୍ୟ ସାଧାରଣ ରୋଗ	
	(ଚ) ବାର୍ଷିକ କୃମିନାଶକ ଏବଂ ଟୀକାକରଣ ସମୟାବଳୀ	
୧୧.	**ଦୁଇଟି ମାଇଛେଳିରୁ ବାର୍ଷିକ ଲାଭର ହିସାବ ।**	୪୮
୧୨.	**ଛେଳି କ୍ରୟ-ବିକ୍ରୟ (ବଜାର) ।**	୪୯
୧୩.	**ଛେଳି ଇନ୍‌ସୁରାନ୍‌ସ (ବୀମା) ବିଷୟରେ ।**	୫୦
୧୪.	**ଗୋଷ୍ଠୀ ଭିତ୍ତିକ ଛେଳି ପାଳନ ।**	୫୧

୧ ଛେଳି ପାଳନ କାହିଁକି ?

ଆମେ ଦେଖୁ ଗାଁ ଗହଳିରେ ପ୍ରାୟ ଅଧିକାଂଶ ଚାଷି ଘରେ ଦୁଇ, ତିନି ପଟ ଛେଳି ପାଳନ କରିଥାନ୍ତି । ଛେଳି, ମାଂସ ଏବଂ ଦୁଗ୍ଧ ଚାଷିକୁ ଯୋଗାଇଥାଏ । ଗରିବ ଚାଷି କ୍ଷୀର ପାଇଁ ବେଶି ପଇସା ଦେଇ ଗାଈଟିଏ ନକିଣିପାରିଲେ ମଧ୍ୟ ଛେଳିଟିଏ କିଣି ପାରିଥାଏ । ଏବଂ ତା'ର ଦୈନନ୍ଦିନ କ୍ଷୀରର ଆବଶ୍ୟକତାକୁ ମେଣ୍ଟାଇ ପାରେ । ଏଣୁ ଛେଳିକୁ ଗରିବ ଘରର ଗାଈ କୁହାଯାଏ ।

ଛେଳି ମାଂସ ଅଧିକ ସୁସ୍ୱାଦୁ ଏବଂ ପୁଷ୍ଟିକର ତେଣୁ ଅଧିକ ଆଦୃତ । ଛେଳି ପାଳନ ମେଣ୍ଢା ପାଳନ ମଧ୍ୟରେ ଛେଳି ପାଳନ ଅଧିକ ଗ୍ରହଣୀୟ ।

- ଛେଳି ପାଳନ କମ ମୂଳଧନରେ ଆରମ୍ଭ କରାଯାଏ ।
- ଛେଳି ରହିବା ପାଇଁ ଗୁହାଳ ତିଆରିରେ କମ୍ ଖର୍ଚ୍ଚ ହୁଏ ।
- ଛେଳି ଠାରୁ ଆମେ ମାଂସ, ଚମଡ଼ା ଏବଂ କ୍ଷୀର ପାଇଥାଉ ।
- ଛେଳି ସବୁ ପ୍ରକାର ଜଳବାୟୁରେ ନିଜକୁ ଖାପଖୁଆଇ ନିଅନ୍ତି ।
- ଛେଳି ଗୋଟିଏ ଶାନ୍ତଶିଷ୍ଟ ଜୀବ, ଏଣୁ ଏହାର ପରିପାଳନ ମହିଳା ଏବଂ ଛୋଟ ପିଲାମାନଙ୍କ ଦ୍ୱାରା ସମ୍ଭବ ।
- ଛେଳି ଠାରୁ ହେଉଥିବା ଆୟ ଅଧିକାଂଶ ମହିଳା ମାନଙ୍କର ହାତକୁ ଆସିଥାଏ ।
- କେବଳ ଗଛର ପତ୍ର ଏବଂ ଲଟା ବୁଦା ଖାଇ ବଞ୍ଚିପାରେ, ଖାଦ୍ୟ ପାଇଁ ଖର୍ଚ୍ଚ ପ୍ରାୟ ନାହିଁ କହିଲେ ଚଳେ ।
- ଛେଳି ସବୁ ପ୍ରକାର ଘାସ, ପତ୍ର, କଞ୍ଚା, ବୁଦା, କଞ୍ଚା ଓ ଶୁଖିଲା ପତ୍ର ଖାଇ ହଜମ କରିପାରେ ।
- ଛେଳି ଲେଣ୍ଡି ଗାଈଗୋବର ଅପେକ୍ଷା ଅଧିକ ଉପାଦେୟ ଖତ ।
- ଅନ୍ୟାନ୍ୟ ପଶୁପକ୍ଷୀଙ୍କ ତୁଳନାରେ ଏମାନେ କମ୍ ରୋଗରେ ପଡ଼ନ୍ତି ।



୨ ଓଡ଼ିଶାରେ ମିଳୁଥିବା ଛେଳି ପ୍ରଜାତି ବା ନସଲ୍

ଗଂଜାମ



ଉଦଭବ- ପୁରୀ, ନୟାଗଡ, ଗଂଜାମ, ଦଶପଲ୍ଲା ରେ ଦେଖାଯାନ୍ତି, ଗୋଲା ଜାତିର ଲୋକେ ପ୍ରାୟତଃ ରଖନ୍ତି।
ରଂଗ- ଲାଲ, ଧଳା,କଳା ବା ଛପିଛାପିକା ହୋଇଥାଏ। ଏମାନଙ୍କ ଗୋଡ ଲମ୍ବା,କାନ ଲମ୍ବା।
ଥରକୁ ୧ଟି ଛୁଆ ଦିଅନ୍ତି । ଉଭୟ ଲିଙ୍ଗରେ ଶିଙ୍ଗ ଉପରକୁ ମୋଡି ହୋଇଥାଏ। ଡେରିରେ ବୟଃପ୍ରାପ୍ତି (୧୫ମାସ)
ଓଜନ-ବୋଦା-୪୪କିଗ୍ରା. ମାଈ-୩୨ କିଗ୍ରା. କ୍ଷୀର କମ୍ ଦିଅନ୍ତି।

ବ୍ଲାକ ବେଙ୍ଗଲ



ଉଦଭବ - ପଶ୍ଚିମ ବଙ୍ଗ, ଓଡିଶା, ଆସାମ
ରଂଗ- କଳା, ଧଳା, ନାଲି ଓ ମିଶ୍ରିତ ରଂଗ
ଆକାର ଛୋଟ ଓଜନ କମ୍,ଗୋଡ ଛୋଟ, କାନ ଭୂମି ସହ ସମାନ୍ତରାଳ, ଠିଆ ପଛୁଆ ଶିଙ୍ଗ। ମାଂସ ଓ ଚମ ଉଚ୍ଚ କୋଟିର।
ବୟଃପ୍ରାପ୍ତି (୧୦ମାସ), ଛୁଆଜନ୍ମ ବ୍ୟବଧାନ କମ୍ । ଥରକେ ୨-୩ଟି ଛୁଆ ଦିଅନ୍ତି।
କ୍ଷୀର ଖୁବ୍ କମ୍
ଓଜନ- ବୋଦା-୩୨କିଗ୍ରା ମାଈ-୨୦ କିଗ୍ରା.

ରାଇଘର



ନବରଂଗପୁର ଜିଲ୍ଲାର ରାଇଘର ଓ ଉମରକୋଟ ରେ ଦେଖାଯାନ୍ତି।
ରଂଗ – କଳା, ବାଦାମି ଓ ମିଶାମିଶି
ଓଜନ - ଅଣ୍ଡିରା – ୨୭ କି.ଗ୍ରା. ଓ ମାଈ – ୨୫.୫ କି.ଗ୍ରା.
ବୟଃ ପ୍ରାପ୍ତି -୬ ରୁ ୭ ମାସ
୮୦ ପ୍ରତିଶତ ଯାଏ ଯାଆଁଳା ଛୁଆ ଦିଅନ୍ତି।

ମାଲକାନଗିରି



ମାଲକାନଗିରି ଜିଲ୍ଲା।

ରଂଗ – କଳା, ବାଦାମି, ଧଳା ଓ ମିଶାମିଶି

ବୟସ୍କ ଓଜନ - ଅଣ୍ଡିରା – ୩୨.୨ କି.ଗ୍ରା. ଓ ମାଈ – ୨୬.୯ କି. ଗ୍ରା.

୬୬ ପ୍ରତିଶତ - ଯାଆଁଳା ଛୁଆ ଦିଅନ୍ତି।

୫ ପ୍ରତିଶତ ୩ ଟି ଯାଏ ଦିଅନ୍ତି ମାତ୍ର ପ୍ରଥମ ଥର ଗୋଟିଏ ଛୁଆ ଦେଇଥାନ୍ତି ।

ମାରାଗୁଡା

ନୂଆପଡା, କଳାହାଣ୍ଡି, ବରଗଡ ର ପଦମପୁର ଓ ଛତିଶଗଡ ର କେତେକ ସ୍ଥାନ।

ରଂଗ – ମିଶାମିଶି

ବୟସ୍କ ଓଜନ - ଅଣ୍ଡିରା – ୩୪ କି.ଗ୍ରା. ଓ ମାଈ – ୨୬ କି.ଗ୍ରା.

୬୧ % - ଥରକେ ୨ ଟି ଛୁଆ

୩୪ % - ୧ ଟି ଛୁଆ

୩.୮ % - ୩ ଟି ଛୁଆ

ପ୍ରଥମ ଛୁଆ ଜନ୍ମ ବୟସ ୩୯୩ ଦିନ



୩ ଦାନ୍ତ ଦେଖି ଛେଳିର ବୟସ ଜାଣିବା କେମିତି ?

ଛେଳିଛୁଆଟି ଜନ୍ମ ସମୟରେ ଦୁଗ୍ଧଦାନ୍ତ ପାଇଥାଏ । ଏହି ଦାନ୍ତ ଗୁଡ଼ିକ ଧିରେ ଧିରେ ସ୍ଥାୟୀ ଦାନ୍ତ ମାନଙ୍କ ଦ୍ୱାରା ପରିବର୍ତ୍ତିତ ହୋଇଥାଏ ।

ଦାନ୍ତ ଗୁଡ଼ିକର ସ୍ଥିତି	ବୟସ
୧. ଛେଳିର ସମସ୍ତ ଦାନ୍ତ ଉଠିନଥିବ, କେବଳ ଦୁଧଦାନ୍ତ ଥିବ	ଏକ ବର୍ଷରୁ କମ୍
୨. ଦୁଇଟି ଭିତର ଦାନ୍ତ	୧୫-୨୨ ମାସ ଭିତରେ
୩. ଚାରୋଟି ଭିତର ଦାନ୍ତ	୨୫-୨୮ ମାସ ଭିତରେ
୪. ଛଅଟି ଭିତର ଦାନ୍ତ	୨୮-୪୧ ମାସ ଭିତରେ
୫. ଆଠଟି ଭିତର ଦାନ୍ତ	୪ ରୁ ୫ ବର୍ଷ
୬. ଘୋରି ହୋଇ ସରିଯାଇଥିବା ଦାନ୍ତ	୫ ବର୍ଷ ରୁ ଉର୍ଦ୍ଧ୍ୱ



(ଆଠ ଗୋଟି ଛେଳିର ଭିତର ଦାନ୍ତ, ୪ ରୁ ୫ ବର୍ଷ ବୟସ)

ଗାଉଁଲି ଭାଷାରେ ବିଭିନ୍ନ ବୟସର ଛେଳି :

୧. ଛେଳିଛୁଆ - ୧ମ ଦିନରୁ ୩ ମାସ
୨. ୩ ମାସରୁ ପ୍ରଥମ ଗର୍ଭ - ମାଇ କଢ଼ି/ପେଣ୍ଠି
୩. ଅଣ୍ଡିରା ଧରା ହୋଇଥିବା ଛେଳି - ଖାସୀ
୪.ଛୁଆ ଦେଇଥିବା ମାଇଛେଳି - ଦାଢ଼ି
୫.ପ୍ରଜନନ କ୍ଷମ ଅଣ୍ଡିରା ଛେଳି - ବୋଦା
୬.ବୟସ୍କ ଛେଳି - ବୁଢ଼ୀ ଛେଳି



୪ ଛେଳି ଠାରୁ ଅଧିକ ଉତ୍ପାଦନ ପାଇଁ ମୂଳ ଆବଶ୍ୟକତା

୧. ଛେଳିଙ୍କ ପାଇଁ ଉତ୍ତମ ଗୁହାଳ ଓ ପରିଚାଳନ ବ୍ୟବସ୍ଥା କରନ୍ତୁ ।

(କ) ଛେଳି ପାଇଁ ଶୁଖିଲା ଏବଂ ପରିଷ୍କାର ଗୁହାଳ ଅତ୍ୟନ୍ତ ଆବଶ୍ୟକ ।

(ଖ) କାଠ କିମ୍ବା ବାଉଁଶ ସାହାଯ୍ୟରେ ଉଚ୍ଚା ଓ ଜାଲିଥିବା ମଞ୍ଚା କରନ୍ତୁ ।

(ଗ) ଠିଆହେବା ପାଇଁ ଯଥେଷ୍ଟ ସ୍ଥାନ ଥିବା ଦରକାର ।

(ଘ) ବୋଦା, ମାଇଛେଳି, ଛୁଆ ଓ ରୋଗଗ୍ରସ୍ତ ଛେଳିମାନଙ୍କ ପାଇଁ ଅଲଗା ଅଲଗା ସ୍ଥାନର ବ୍ୟବସ୍ଥା କରନ୍ତୁ ।

୨. ଆପଣଙ୍କ ଗୋଠରେ ଥିବା ଛେଳିମାନଙ୍କ ପାଇଁ ଉତ୍ତମ ଖାଦ୍ୟର ବ୍ୟବସ୍ଥା କରନ୍ତୁ ।

(କ) ଖାଇବାକୁ ଭଲ ସୁଷମ ଖାଦ୍ୟ ଓ ଛେଳି ଚରିବା ପାଇଁ ବୁଦା ଓ କଣ୍ଟା ଗଛର ପତ୍ର ଦେବାର ବ୍ୟବସ୍ଥା କରନ୍ତୁ ।

(ଖ) ପିଇବା ପାଇଁ ଯଥେଷ୍ଟ ପରିଷ୍କାର ପାଣି ଦିଅନ୍ତୁ ।

(ଗ) ଖାଦ୍ୟରେ ଲୁଣ ଓ ମିନେରାଲ୍ ମିକ୍ସଚର ବ୍ୟବହାର କରନ୍ତୁ ।

(ଘ) ନିଜ ଜମିରେ ଘାରା ଉତ୍ପାଦନର ବ୍ୟବସ୍ଥା କରନ୍ତୁ ।

(ଙ) ଜମିରେ ଛୁଇଁ ତଥା ଡାଲି ଜାତୀୟ ଗଛ ଲଗାନ୍ତୁ ।

୩. ଉତ୍ତମ ବୋଦାର ଲକ୍ଷଣ ଏବଂ ଗୋଠରେ ପ୍ରଜନନ ।

(କ) ଅଣ୍ଡିରା ଛେଳି (ବୋଦା)ର ଲକ୍ଷଣ ।

(ଖ) ଉତ୍ତମ ଗୁଣ ଥିବା ବୋଦା ଦ୍ୱାରା ସଂଗମ ।

(ଗ) ଅଣ୍ଡିରା ଛେଳି ଖାସୁକରଣ (ଧରାଣ) ।

୪. ଉତ୍ତମ ପ୍ରଜନନର ନିୟମ ପାଳନ ଏବଂ ମାଇଛେଳି ଓ ଛୁଆର ଯତ୍ନ କରନ୍ତୁ ।

(କ) ଉତ୍ତମ ମାଇଛେଳିର ଲକ୍ଷଣ ଦେଖନ୍ତୁ ।

(ଖ) ପ୍ରଜନନ କ୍ଷମତାପ୍ରାପ୍ତ ହେବା ।

(ଗ) ଗର୍ଭିଣୀ ଛେଳି ଏବଂ ଛୁଆର ଯତ୍ନ କରନ୍ତୁ ।

୫. ଛେଳି ଗୋଠର ଉତ୍ତମ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା କରନ୍ତୁ ।

(କ) ନିୟମିତ ଭାବରେ କୃମି ଔଷଧ ବ୍ୟବହାର କରନ୍ତୁ ।

(ଖ) ନିୟମିତ ଭାବରେ ଟୀକା ଦିଅନ୍ତୁ ।

(ଗ) ରୋଗୀଣା ଛେଳିର ଚିକିତ୍ସା ଠିକ୍ ସମୟରେ କରନ୍ତୁ ।

୫ ଉତ୍ତମ ଛେଳି ଗୁହାଳ

ଛେଳି ଗୋଟିଏ ପଶୁ ଯିଏକି ଯେକୌଣସି ଜଳବାୟୁ ଏବଂ କୌଣସି ପରିସ୍ଥିତିରେ ନିଜକୁ ଖାପଖୁଆଇ ବଞ୍ଚିପାରେ । ଆମ ଗ୍ରାମାଞ୍ଚଳରେ ଅଧିକାଂଶ ଲୋକ ନିଜ ନିଜ ଘରେ ଛେଳି ପଟେ ଦିପଟ ବାନ୍ଧି ରଖିଥାନ୍ତି । ତାଙ୍କ ପାଇଁ ଅଲଗା ଗୁହାଳ ନଥାଏ । ଛେଳିଟି ମାଲିକ ପାଖରେ ମାଲିକର ଶୋଇବା ଘରେ ରହେ ଓ ଦିନବେଳେ ବାହାରେ ବନ୍ଧାଯାଏ । ଏଣୁ ଯଦି ଜଣେ ଚାଷି ଏକ ବ୍ୟବସାୟୀକ ଦୃଷ୍ଟିକୋଣରୁ ଛେଳି ପାଳନ କରେ, ତାହାହେଲେ ତା'ପାଇଁ ଅଲଗା ଗୁହାଳର ଆବଶ୍ୟକତା ରହିଛି ।

ଉନ୍ନତ ଗୁହାଳ ନିମନ୍ତେ ଆବଶ୍ୟକୀୟ ସୂଚନା



ମାପ : ଘରର ଛାତ, ଉଚ୍ଚତା ଓ କାନ୍ଥ

- ଘରର ଛାତ ଏଜ୍‌ବେଷ୍ଟସ୍, ଟାଇଲ କିମ୍ବା ନଡ଼ାରେ କରନ୍ତୁ ।
- ଘରର ଉଚ୍ଚତା ୮ ରୁ ୧୦ ଫୁଟ୍ ହେବା ଆବଶ୍ୟକ ଏବଂ ଉଭୟ ପଟକୁ ଗଡ଼ାଣିଆ ' ▲ ' ହେବା ଦରକାର । କିମ୍ବା ଅନ୍ୟ ଘର ଏକ କାନ୍ଥରେ ଭରାଦେଇ (ଲାପାଟି) ମାଧ୍ୟମରେ ଅପର ପାର୍ଶ୍ୱକୁ ଗଡ଼ାଣି ରହିବ ।
- କାନ୍ଥଟି ଇଟାକାନ୍ଥ କିମ୍ବା ମାଟିକାନ୍ଥ ନଚେତ୍ କାଠ ଦ୍ୱାରା ହେବ ଓ ଭଲଭାବେ ମାଟି ଲିପାହେବ (ଫାଟଚିହ୍ନ ନରହିବା ଭଳି) ।
- କାନ୍ଥ ଗୁଡିକ ଉତ୍ତର-ପଶ୍ଚିମ ପଟେ ପୁରା ଉଠାଇ ଦକ୍ଷିଣ-ପୂର୍ବ ପଟେ ଅଧା କାନ୍ଥ ହେଲେ ଭଲ । କାରଣ ଉତ୍ତର-ପଶ୍ଚିମ ପଟୁ ବର୍ଷା ଓ ଥଣ୍ଡା ପବନରୁ ରକ୍ଷା ମିଳିବ ଓ ପୂର୍ବ ପଟୁ କଅଁଳ ଖରା ତଥା ଶୀତଦିନେ ଦକ୍ଷିଣ ପଟୁ ଖରା ପଡ଼ି ଘରକୁ ଶୁଖିଲା ଓ ରୋଗମୁକ୍ତ ରଖିବ ।
- ଗୁହାଳର ଆକାର : ଗୋଟିଏ ଛେଳି ରହିବା ପାଇଁ ଅତିକମ୍‌ରେ '୬' ବର୍ଗଫୁଟ ଜାଗା ହେବା ଦରକାର । ଏହା ଉପରେ ଘର ର ଆକାର ନିର୍ଭର କରେ ।

ଗୁହାଳ ଆଗରେ ବାଡ଼



- ପ୍ରତ୍ୟେକ ଗୁହାଳ ଆଗରେ ବାଡ଼ ରହିବ ।
- ଛୁଆମାନଙ୍କୁ ବାଡ଼ରେ ରଖି ଡାଳପତ୍ର ଦିଆଯିବ, ଯାହାଦ୍ୱାରା କି ବିଲୁଆ କୁକୁର ଆକ୍ରମଣ ଦ୍ୱାରା ରକ୍ଷା ପାଇବେ ।
- ପ୍ରତିଦିନ ସକାଳୁ ଗୁହାଳରୁ ଛେଳିଗୁଡ଼ିକୁ ବାହାର କରି ବାଡ଼ରେ ରଖାଯିବ, ଯଦ୍ୱାରା କି ଗୁହାଳ ଅଧିକ ଅପରିଷ୍କାର ହେବ ନାହିଁ ।
- ଟୀକାକରଣ ଓ କୃମିନାଶକ କରିବା ସମୟରେ ବାଡ଼ ମଧ୍ୟରେ ଛେଳିମାନଙ୍କୁ ରଖିବା ଦ୍ୱାରା କମ୍ ସମୟରେ ଉପଚାର ଦିଆଯାଇ ପାରିବ ।
- ବାଡ଼ ମଧ୍ୟରେ ଗୋଟିଏ କୋଣରେ କୌଣସି ପାତ୍ର କିମ୍ବା ସିମେଣ୍ଟ କୁଣ୍ଡଟିଏ ରଖି ଦୈନିକ ସଫା ପାଣି ପିଇବାକୁ ଦେବ ।

ଭାଡ଼ି (ମଞ୍ଚା)



- ଭାଡ଼ିଟି ତଳ ଠାରୁ ୨.୫ ରୁ ୩ ଫୁଟ ଉଚ୍ଚତା ହେବା ଦରକାର । ଯେପରି ଜଣେ ତଳକୁ ଯାଇ ସଫା କରିପାରିବ ।
- ଭାଡ଼ିଟି କାଠ କିମ୍ବା ବାଉଁଶ ତାଟି ଦ୍ୱାରା ହେବା ଦରକାର (ନିଜ ଅଂଚଳରେ ମିଳୁଥିବା ସାମଗ୍ରୀ କାଠ, ବାଉଁଶ, ପଟା, ଇତ୍ୟାଦି) ।

ଭାଡ଼ିର ଉପକାରିତା

- ବର୍ଷା, ଶୀତ ଓ ଖରା ଋତୁ ଅନୁସାରେ ଛେଳିଟି ସୁସ୍ଥ ଓ ସୁବିଧାରେ ରହିପାରେ ।
- ଛେଳିର ମଳ, ମୂତ୍ର ସୁବିଧାରେ ତଳକୁ ନିଷ୍କାସନ ହୋଇଯାଏ ଯାହାକି ଛେଳି ଦେହ ଅପରିଷ୍କାର ନହୋଇ ରୋଗମୁକ୍ତ ହୋଇଥାଏ ।
- ଛେଳିଟି ଶାନ୍ତିରେ ରାତ୍ରରେ ବିଶ୍ରାମ ନେଇଥାଏ ।
- ରୋଗି ଓ ଦୁର୍ବଳ ଛେଳିକୁ ଆଶ୍ରୟ ଦେଇଥାଏ ଓ ଛେଳି ପାଳନକୁ ସହଜ ଏବଂ ସରଳ କରେ ।

ଝରକାର ଉପକାରିତା



- ଗୁହାଳର ଆକାର ଅନୁସାରେ ଯଥେଷ୍ଟ ପରିମାଣରେ ଝରକା ଥିବା ଦରକାର ।
- ୨୦୦ ରୁ ୩୦୦ ବର୍ଗଫୁଟ ଗୁହାଳ ପାଇଁ ଅନ୍ତତଃ ୭ ରୁ ୮ ଝରକା ରହିବା ଦରକାର ।
- ଏହାଦ୍ୱାରା ଗୁହାଳ ଭିତରକୁ ସଦାସର୍ବଦା ଖୋଲା ପବନ ଯାତାୟତ ହୋଇଥାଏ ।
- ଗୁହାଳର ମଳମୂତ୍ର, ଦୁର୍ଗନ୍ଧକୁ ନିବାରଣ କରିଥାଏ ।
- ଛେଳିଟି ସର୍ବଦା ଖୋଲା ପବନ ପାଇବା ଦ୍ୱାରା ରୋଗମୁକ୍ତ ହୋଇ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ ହୋଇଥାଏ ।
- ଝରକା ଗୁଡ଼ିକ ଘରର ପରସ୍ପର ବିପରୀତ କାନ୍ଥରେ ରହିବା ଦରକାର, ଯେପରି ପବନ ଅବାଧରେ ଚଳାଚଳ ହୋଇପାରିବ ।

ଚୁନର ଉପକାରିତା



- ଗୁହାଳରେ ଚୁନ ଦେବା ଦ୍ୱାରା ସର୍ବଦା ଗୁହାଳ ସଫାସୁତୁରା ରହେ ।
- ଗୁହାଳ ଭିତର ଚୁନ ଦେବା ଦ୍ୱାରା ବାହ୍ୟ ପରଜିବୀ ଯଥା :- ଟିଙ୍କ, ଉକୁଣି ଇତ୍ୟାଦି ବାସ କରେ ନାହିଁ ।
- ଛେଳିମାନଙ୍କୁ ଚର୍ମରୋଗ ସୃଷ୍ଟିକାରି ଜୀବାଣୁ ମାନଙ୍କୁ ଦୁରିକରଣ ପାଇଁ ଔଷଧ ମିଶ୍ରିତ ପାଣି ଗୁହାଳକୁ ସ୍ପ୍ରେ କରିବା ସମୟରେ କାନ୍ଥଗୁଡ଼ିକୁ ସହଜରେ ସ୍ପ୍ରେ କରିହୁଏ ଓ ଜୀବାଣୁ ମୁକ୍ତ କରିହୁଏ ।
- ବର୍ଷରେ ଅତିକମ୍‌ରେ ୩ରୁ ୪ ଥର ଗୁହାଳରେ ଚୁନ ଲିପିବା ଆବଶ୍ୟକ ।

ଦୈନିକ ସଫାସୁତୁରା

- ପ୍ରତ୍ୟେକ ଦିନ ଗୁହାଳରେ ପଡ଼ିଥିବା ଲେଣ୍ଡି ଓ ମୂତ୍ରକୁ ସଫାରଖିବା ଆବଶ୍ୟକ । କାରଣ' ଗୁହାଳରେ ପଡ଼ିଥିବା ଲେଣ୍ଡି, ମୂତ୍ରରୁ ହିଁ ରୋଗ ଜୀବାଣୁ ସୃଷ୍ଟି ହୋଇଥାଏ । ଯାହାକି ଛେଳି ମାନଙ୍କୁ ଚର୍ମରୋଗ, କୃମି, ଯାଦୁ, ବଥଭଳି ଇତ୍ୟାଦି ଘା' ଜନିତ ରୋଗ ହୋଇଥାଏ । ଏହାଦ୍ୱାରା ଛେଳିଟି ଠିକ୍ ସମୟରେ ବୟସ ଅନୁସାରେ ଠିକ୍ ଓଜନ ବିଶିଷ୍ଟ ହୋଇନଥାଏ ଏବଂ ସର୍ବଦା ଦୁର୍ବଳ ହୋଇଥାଏ ।
- ସର୍ବଦା ଗୁହାଳ ସଫା କରିବା ସଙ୍ଗେ ସଙ୍ଗେ ଗୁହାଳ ତଳରେ ପାଉଁଶ ପକା ଯାଇପାରେ । ଯାହାଦ୍ୱାରା କି ଜୀବାଣୁ ନାଶକାରୀ ଔଷଧ ଭାବେ ପାଉଁଶ ମଧ୍ୟ କାର୍ଯ୍ୟ କରେ ।

MGNREGA/ କର୍ମ ନିଯୁକ୍ତି ଯୋଜନା ତରଫରୁ ନିମ୍ନଲିଖିତ ଦୁଇ ପ୍ରକାରର ଛେଳି ଗୁହାଳ ପାଇଁ ବ୍ୟବସ୍ଥା କରାଯାଇଛି ।

(୧) ତିନୋଟି ମାଇଛେଳି ଓ ଛଅ ଗୋଟି ଅନ୍ୟାନ୍ୟ ଛେଳି ପାଇଁ ୪୫ ବର୍ଗଫୁଟ - ୩୪,୦୦୦ ଟଙ୍କା ମାତ୍ର

(୨) ପାଞ୍ଚ ଗୋଟି ମାଈ ଏବଂ ୧୦ଗୋଟି ଅନ୍ୟାନ୍ୟ ଛେଳି ପାଇଁ ୯୭ ବର୍ଗଫୁଟ - ୪୩,୦୦୦ ଟଙ୍କା ମାତ୍ର







୬ ଉତ୍ତମ ଖାଦ୍ୟ, ପାଣିର ବ୍ୟବସ୍ଥା ଓ ଖଣିଜ ଲବଣର ଉପକାରିତା

ଗୋଟିଏ ଛେଳି ସୁସ୍ଥତା ସହ ସାସ୍ଥ୍ୟବାନ ଭାବେ ତା'ର ନିର୍ଦ୍ଦିଷ୍ଟ ବୟସ ଅନୁସାରେ ନିର୍ଦ୍ଦିଷ୍ଟ ଓଜନ ବିଶିଷ୍ଟ ଶାରୀରିକ ବୃଦ୍ଧିହେବାକୁ ହେଲେ କେବଳ ଡାଳପତ୍ର ଏବଂ ଘାସ ଖାଇ ଛେଳିଟିର ବୃଦ୍ଧି ହେବ ତାହା କହିବା ଓ ଭାବିବା ଭୁଲ୍ ହେବ । କାରଣ ଛେଳିଟି ଦୈନିକ ଚରିବୁଲି ଖାଇ ଆସୁଥିବା ଚାରଣ ଭୁଇଁରୁ ତା'ର ଶରୀର ଧାରଣ ପାଇଁ ଦରକାର ପଡୁଥିବା ଶକ୍ତି, ଶ୍ୱେତସାର, ପୁଷ୍ଟିସାର, ସ୍ନେହସାର, ଖଣିଜଲବଣ ପ୍ରଭୃତି ପର୍ଯ୍ୟାପ୍ତ ପରିମାଣରେ ପାଇନଥାଏ । ଯେଉଁଦ୍ୱାରାକି ବୟସ ଅନୁଯାଇ ଶାରୀରିକ ବୃଦ୍ଧି ହେବାର ବାଧାସୃଷ୍ଟି ହୋଇଥାଏ । ଏଣୁ ଡାଳପତ୍ର ବା ତନ୍ତୁଜାତୀୟ ଖାଦ୍ୟ ସହିତ ଦାନାଜାତୀୟ ଖାଦ୍ୟ ମଧ୍ୟ ଆବଶ୍ୟକତା ରହିଛି ।

ଶୁଖିଲାପତ୍ର



- ଛେଳି ଖାଉଥିବା ଭଳି ସବୁପ୍ରକାର କଞ୍ଚା ଡାଳପତ୍ର ସଂଗ୍ରହକରି ଶୁଖାଇ ରଖିବା ।
- ଡିମିରି ପତ୍ର, ପଣସ ପତ୍ର, ପିପଳପତ୍ର, କାନ୍ଦୁଲ, ମକା, କଣ୍ଟା ଜାତୀୟ ପତ୍ର ଇତ୍ୟାଦି ।
- ସବୁପ୍ରକାର ଡାଲିଜାତୀୟ ଚୋପା ଯଥା:- କାନ୍ଦୁଲ ଚୋପା, ବିରିଚୋପା, ହରଡ଼, ମୁଗଚୋପା, କୋଳଥ ଚୋପା ଇତ୍ୟାଦି ।
- ଏହିସବୁ ପତ୍ରକୁ ବର୍ଷାଦିନେ ଗର୍ଭବତୀ ଓ କ୍ଷୀର ଖୁଆଉଥିବା ଛେଳିମାନଙ୍କୁ ଦେଇହେବ । ଖରାଦିନ ଖାଦ୍ୟାଭାବ ସମୟରେ ଏହି ଡାଳପତ୍ର ଦେଲେ ଛେଳିର ସାସ୍ଥ୍ୟ ଭଲ ରହେ ।

କଞ୍ଚା ଡାଳ ପତ୍ର (ତନ୍ତୁଜାତୀୟ ଖାଦ୍ୟ)



- ସୁବାବୁଲ ପତ୍ର
- ଗ୍ଲାରିସିଡ଼ିଆ ପତ୍ର
- ଲହଜାତୀୟ ପତ୍ର
- ମକା ପତ୍ର
- ପିପଳ ପତ୍ର
- ଡିମ୍ବିରି ପତ୍ର
- କଣ୍ଟେଇ କୋଳି ପତ୍ର
- ପଣସ ପତ୍ର
- ମୂଳା ପତ୍ର
- ଝୁଡୁଙ୍ଗ ପତ୍ର
- ସିମାକୟାଁ ପତ୍ର
- ଅଁଳାପତ୍ର ଇତ୍ୟାଦି

ଘାସ



- ନାପିୟର
- ଷ୍ଟାଇଲୋ
- ଦାସ, ମୁନଥାସ
- ଆଜୋଲା
- ଗିନି, ପାରାଘାସ

ଦାନାଜାତୀୟ ଖାଦ୍ୟ

- ବାଦାମ ପିଡ଼ିଆ
- ରାଶି ପିଡ଼ିଆ
- ଶୋରିଷ ପିଡ଼ିଆ
- ଡାଲିଜାତୀୟ ଖାଦ୍ୟ (ବିରିଚୁନି,କାନ୍ଦୁଲ, କୋଳଥଚୁନି)
- ମକା
- ବାଜରା
- ଗହମ
- ଗହମ ଚୋକଡ଼
- ଯଅ
- କୁଣ୍ଡା



ଛେଳି ପାଇଁ ସୁଷମ ଖାଦ୍ୟ ତିଆରି

ଛେଳି ସଂଖ୍ୟା ବୃଦ୍ଧି ସାଙ୍ଗକୁ ଓ ଜଙ୍ଗଲର ଆୟତନ କମିଯିବା ଯୋଗୁଁ ଛେଳିମାନଙ୍କ ପାଇଁ ମିଳୁଥିବା ଡାଳପତ୍ର ଯଥେଷ୍ଟ ହୋଇନଥାଏ । ଏହା ଛଡ଼ା ଛେଳିମାନେ ବାହାରେ ଚରିବୁଲି ଯେତିକି ପରିମାଣରେ ଖାଦ୍ୟସାର ପାଉଛନ୍ତି, ତାହାର ସନ୍ତୁଳନ ପରୀକ୍ଷା କରାଯାଇ ପାରୁ ନାହିଁ । ତେଣୁ ପ୍ରଜନନକ୍ଷମ ବୋଦା, ଗର୍ଭିଣୀ ଛେଳି, ଛୁଆଦେଇଥିବା ମାଇଛେଳି, ବର୍ଦ୍ଧିଷ୍ଣୁ ଛେଳି ଛୁଆକୁ ସ୍ୱତନ୍ତ୍ର ଭାବେ ମନୋନୀତ କରି ସୁଷମ ଖାଦ୍ୟ ଖାଇବାକୁ ଦେବା ଉଚିତ୍ । ତେଣୁ ଦୈନନ୍ଦିନ ଚରଣୀ ଓ ଡାଳପତ୍ରକୁ ଛାଡ଼ି କିଛି ଦାନା ଖାଦ୍ୟ ଦେବା ଦରକାର । ଏହି ଦାନା ପିଡ଼ିଆ, ଭୂଷି, ଚୋକଡ଼, ବିରି ଚୋପା, ମୁଗ ଚୋପା, କୋଳଥ ଚୋପା ଓ ଗୁଣ୍ଡ ଆଦିରୁ ଯୋଗାଡ଼ କରାଯାଇପାରେ ।

୧୦ କେ.ଜି. ସୁଷମ ଖାଦ୍ୟ ପାଇଁ ସାମଗ୍ରୀ ଓ ଖର୍ଚ୍ଚ:				
Sl No	**ସାମଗ୍ରୀ (Material)**	**ପରିମାଣ Quantity (kg.)**	**ମୂଲ୍ୟ Rate**	**ଟଙ୍କା Amount**
୧	କୁଣ୍ଡା (Rice husk)	୪	୬	୨୪
୨	କୋଳଥ (Horse Gram/Chik Pea)	୨	୬୦	୧୨୦
୩	ମକା (Maize Powder)	୩	୨୨	୬୬
୪	ପିଡ଼ିଆ (G.Nut Cake)	୧	୨୬	୨୬
୫	ଲୁଣ (Salt)	୦.୨	୧୦	୨
୬	ଖଣିଜ ଲବଣ (Mineral Mixture)	୦.୨	୬୦	୧୨
			ମୋଟ	**୨୫୦**
କିଲୋ ପ୍ରତି ମୂଲ୍ୟ = ୨୫ ଟଙ୍କା				

ସତନ୍ତ୍ର ବର୍ଗର ଛେଳିମାନଙ୍କ ପାଇଁ ଖାଦ୍ୟ



- ଗୋଟିଏ ବୟସ୍କ ଛେଳି ଦିନକୁ ୨ ରୁ ୩ କିଲୋ ଖାଦ୍ୟ ଦରକାର ।
- ଛେଳିମାନଙ୍କୁ ଗୋଟିଏ ପ୍ରକାର ପତ୍ର ନଦେଇ ବିଭିନ୍ନ ପ୍ରକାର ମିଶ୍ରିତ ପତ୍ର ଖାଇବାକୁ ଦେବା ଦରକାର, ନଚେତ୍ ପେଟଫୁଲା, ଖାଦ୍ୟ ବଦହଜମି ହେବାର ସମ୍ଭାବନା ଅଧିକ ଥାଏ ।
- ଛେଳିମାନେ ଭିଜି ଯାଇଥିବା ପତ୍ର ଖାଆନ୍ତି ନାହିଁ । ତେଣୁ ବର୍ଷାଦିନରେ ଏମାନଙ୍କର ଖାଇବା ପାଇଁ ଯଥେଷ୍ଟ ଧ୍ୟାନ ଦେବା ଦରକାର ।
- ଗର୍ଭବତୀ ଛେଳିକୁ ଅଧିକ ଦୂରକୁ କିମ୍ବା ଅଧିକ ପାହାଡ଼ ଉପରକୁ ନେବା ଅନୁଚିତ କାରଣ ଏହାଦ୍ୱାରା ଗର୍ଭନଷ୍ଟ ହେବାର ସମ୍ଭାବନା ଅଛି ।



- ଭିଟାମିନ ଅଭାବ ଜନିତ ରୋଗ ନହେବା ପାଇଁ ସୁଷମ ଖାଦ୍ୟ ଏବଂ ମିନେରାଲ ମିକ୍ସଚର୍ (ଖଣିଜ ଲବଣ) ଦେବାର ବ୍ୟବସ୍ଥା ନିହାତି କରିବ ।
- ଛୁଆଛେଳିକୁ ୩ ମାସ ବୟସ ହେବା ପର୍ଯ୍ୟନ୍ତ ଘରେ ରଖି ଡାଳପତ୍ର, ଘାସ ଦେବା ଦରକାର ।
- ସଂଗମ (କ୍ରସିଂ) କରୁଥିବା ବୋଦାଛେଳିକୁ ଦୈନିକ ଅଲଗା ଭାବେ ଡାଳପତ୍ର, ଘାସ ଦେବା ସହିତ ସୁଷମ ଖାଦ୍ୟ ଏବଂ ମିନେରାଲ ମିକ୍ସଚର୍ (ଖଣିଜ ଲବଣ) ସତନ୍ତ୍ର ଦେବ ନଚେତ୍ ଦୁର୍ବଳ ହୋଇଯାଏ ।
- ଗର୍ଭବତୀ ଛେଳି କିମ୍ବା କ୍ଷୀର ଦେଉଥିବା ମାଆଛେଳିକୁ ମଧ୍ୟ ସୁଷମ ଖାଦ୍ୟ ଓ ମାଇଫେକ୍ସ (Mifex) ଦେବ ।



- ଛେଳିଗୁଡ଼ିକ ଜଙ୍ଗଲରୁ ଚରିବୁଲି ଆସିବା ମାତ୍ରେ ଠିକ୍ ଭାବେ ପେଟପୁରା ଖାଦ୍ୟ ଖାଇବାକୁ ପାଇଛି କି ନାହିଁ ତାହା ଅନୁମାନ କରି ଘରେ ସଂଗ୍ରହ କରି ରଖିଥିବା ଶୁଖିଲାପତ୍ର କିମ୍ବା ଚୋପା ଖାଇବାକୁ ଦେବ ।
- ବେଳେବେଳେ ମାଇଛେଳିର କ୍ଷୀର ଅଭାବ ହେଲେ ବା ମାଇଛେଳି ମରିଗଲେ ଅନ୍ୟ ମାଇଛେଳିର କ୍ଷୀର କିମ୍ବା ବଜାରରେ ମିଳୁଥିବା ଗୁଣ୍ଡକ୍ଷୀର କିଣି ଖୁଆଇବା ଆବଶ୍ୟକ ।
- ଏହା ମୁଖ୍ୟତଃ ବ୍ଲାକ୍ ବେଙ୍ଗଲ୍ ଛେଳି କ୍ଷେତ୍ରରେ ଦେଖାଯାଏ ।

ଘରବାଡ଼ିରେ ଏବଂ ଚାଷଜମି ହୁଡାରେ ଛେଳିଙ୍କ ପାଇଁ ଚାରାଗଛ ଲଗାନ୍ତୁ ।



ପାଣି ପାତ୍ର

ଛେଳି ସବୁବେଳେ ସଫା ପାଣି ପିଇବାକୁ ଭଲପାଏ । ତେଣୁ ପ୍ରତି ଗୁହାଳରେ ଗୋଟିଏ ଗୋଟିଏ ପାଣି ପାତ୍ର ରହିବା ଦରକାର ଏବଂ ଏହା ସଫା ପାଣିରେ ପୂର୍ଣ୍ଣ ରହିବା ଦରକାର । ପାଣି ପାତ୍ର ପ୍ରତିଦିନ ସଫା ହେବା ଦରକାର । ନଚେତ୍ ଏହି ପାତ୍ର ରୋଗର ବାହକ ହେବା ସମ୍ଭାବନା ଅଛି ।



ଖାଦ୍ୟ ପାତ୍ର

ପ୍ରତି ଗୁହାଳରେ ଗୋଟିଏ ଗୋଟିଏ ଖାଦ୍ୟ ପାତ୍ର ରହିବା ଦରକାର । ଛେଳିର ସଂଖ୍ୟା ଏବଂ ଛେଳି ପ୍ରତି ଦାନାର ପରିମାଣ ଓଜନ କରି ଖାଦ୍ୟ ପାତ୍ରରେ ଭରିଦେବା ଦରକାର । ଛେଳିର ସ୍ୱାସ୍ଥ୍ୟ ଏବଂ ରୋଗ ମୁକ୍ତି ପାଇଁ ଏହି ଖାଦ୍ୟପାତ୍ର ପ୍ରତିଦିନ ସଫା କରିବା ଦରକାର ।



ଖଣିଜ ଲବଣ ଓ ଏହାର ଉପକାରିତା

- କ୍ଷୀର ବଢ଼ାଇବାରେ ସାହାଯ୍ୟ କରେ
- ଶୁଖିଲା ଚାରାକୁ ହଜମ କରିବାରେ ସାହାଯ୍ୟ କରେ ।
- ପ୍ରଜନନକୁ ନିୟମିତ କରାଏ ।
- ଛେଳି ଖତରେ ୟୁରିଆର ପରିମାଣ ବଢ଼ାଏ ।
- ଦେହକୁ ଚିକ୍କଣ କରେ ।
- ଛେଳିକୁ ମୁତ୍ର ନ ପିଇବାରେ ସାହାଯ୍ୟ କରେ ।

ମିନେରାଲ୍ ମିକ୍ସଚର୍ ବ୍ଲକ୍



କାହାକୁ ଦେବା

- ଗର୍ଭ ତଥା ଗର୍ଭପାତ (ବାରମ୍ବାର ବା ପ୍ରଥମ ଦୁଇ ରୁ ତିନି ମାସ) ହେଉଥିବା ଛେଳି
- କ୍ଷୀର ଦେଉଥିବା ଛେଳି
- ହଠାତ୍ କମ୍ ପ୍ରଜନନ କରୁଥିବା ଛେଳି

କଳା ଲୁଣ



କାହାକୁ ଦେବା

- କମ୍ ଚରୁଥିବା ଛେଳି
- ବାରମ୍ବାର ହଜମ ନ ହେଉଥିବା ଛେଳି
- କ୍ଷୀର ଦେଉଥିବା ଛେଳି

ୟୁରିଆ ମୋଲାସେସ୍ ବ୍ଲକ୍



କାହାକୁ ଦେବା

- ଗହମ ଚୋକଡ଼ ଖାଉଥିବା ଛେଳି (କମ୍ ସବୁଜ ଚାରା ମିଳିବା ସମୟରେ)

ମିନେରାଲ୍ ଲିକ୍ ତିଆରି

୧କେ.ଜି. ମିନେରାଲ ଲିକ୍ ବନେଇବା ପାଇଁ ଲୁଣ-୬୫୦ ଗ୍ରା., ଚୁନ-୧୫୦ ଗ୍ରା., ମିନେରାଲ୍ ମିକ୍ସଚର-୧୦୦ ଗ୍ରା. ଏବଂ ଗୁଡ଼-୧୦୦ ଗ୍ରା. କୁ ମିଶାଇ ଗୋଟିଏ ଗୋଲା ତିଆରି କରନ୍ତୁ ।



୭ ସଂକ୍ଷେପରେ ଛେଳିମାନଙ୍କର ସ୍ୱତନ୍ତ୍ର ଯତ୍ନ

- ଗୁହାଳଟି ପ୍ରତିବର୍ଷ ବର୍ଷା ପୂର୍ବରୁ ମରାମତି କରିବା ।
- ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଛେଳିକୁ ଠିକ୍ ଅଛକି ନାହିଁ ହାତ ମାରି ଦେଖିବା ।
- ଶୀତ ଦିନରେ ସୂର୍ଯ୍ୟକିରଣ ପଡ଼ିବା ପରେ ଛେଳିମାନଙ୍କୁ ଘର ଦାଣ୍ଡ ମୁହଁରେ ଏକ ବାଡ଼କରି ରଖିବା ।
- ଗର୍ଭବତୀ ଛେଳିମାନଙ୍କୁ ଅଲଗା ରଖିବା ବ୍ୟବସ୍ଥା କରିବା ।
- ଛୋଟ ଛୁଆମାନଙ୍କୁ ମଧ୍ୟ ତାଙ୍କର ସୁବିଧା ମୁତାବକ ସମୟାନୁଯାଇ ଅଲଗା ରଖିବାର ବ୍ୟବସ୍ଥା କରିବା ।
- ରୋଗୀଣା ଓ ଦୁର୍ବଳ ଛେଳିମାନଙ୍କୁ ଗୋଠକୁ ନ ପଠାଇ, ତାକୁ ଡ଼ାଳପତ୍ର ଖାଇବା ବ୍ୟବସ୍ଥା କରିବା ସହ ଅଲଗା ରଖିବା ।
- ଗର୍ଭବତୀ ଛେଳିକୁ ଗୁହାଳରେ ସ୍ୱତନ୍ତ୍ର ଅଲଗା ରଖିବା ପାଇଁ ଚେଷ୍ଟା କରିବା ଓ ଏହା ସହିତ ସ୍ୱତନ୍ତ୍ର ଦାନା, ସୁଷମ ଖାଦ୍ୟ ଦେବାର ବ୍ୟବସ୍ଥା କରିବା ।
- ଛୁଆଜନ୍ମ କରିଥିବା ମାଆ ଛେଳିକୁ ଅତିକମ୍‌ରେ ୭-୮ ଦିନ ଗୋଠକୁ ନ ପଠାଇ ଡ଼ାଳପତ୍ର ଦେଇ ଦେଖାରଖା କରିବା ।
- ଛୁଆଜନ୍ମ ହେବା ସଙ୍ଗେ ସଙ୍ଗେ ଛେଳି ଛୁଆର ନାହି ବିଶୋଧିତ ଆଇଡ଼ିନ୍ ଯୁକ୍ତ ସୁତାବାନ୍ଧି ନାହି କାଟିବା ଓ ତାର ଯତ୍ନ ନେବା ।
- ଗର୍ଭବତୀ ଛେଳିକୁ କ୍ଷୀର ବୃଦ୍ଧି ପାଇଁ ଛୁଆ ଜନ୍ମ ପୂର୍ବରୁ ୧ ମାସ ଓ ଛୁଆ ଜନ୍ମରେ ୨ ମାସ ପର୍ଯ୍ୟନ୍ତ ପ୍ରତିଦିନ (କ୍ୟାଲସିୟମ, ମ୍ୟାଗନେସିୟମ) ଟନିକ ଦେବା ।
- ପାଣି ଓ ଖାଦ୍ୟ ଦେବା ପାଇଁ ଗୁହାଳରେ ଗୋଟିଏ କୋଣରେ କାଠର ଡଙ୍ଗା କିମ୍ବା ସିମେଣ୍ଟ କୁଣ୍ଡ ରଖିବା ବ୍ୟବସ୍ଥା କରିବା ।
- ଅଣ୍ଡିରା ଛୁଆ ୩ ମାସ ବୟସ ହେଲେ ଖାସୁ କରିବା ।
- ବାର୍ଷିକ ୪ଟି ଟୀକା ଯଥା :- ପି.ପି.ଆର, ଛେଳିବସନ୍ତ, ଫାଟୁଆ ଏବଂ ଏଣ୍ଟରଟକ୍ସିମିଆ ଦେବା ।
- ବର୍ଷକୁ ୩ ରୁ ୪ ଥର କୃମିନାଶକ ଦେବା ।









- ଛେଳିମାନଙ୍କୁ ଟିଙ୍କ, ଉକୁଣି ହେବା ମାତ୍ରେ ଟିଙ୍କ, ଉକୁଣି ବିନାଶକାରୀ ଔଷଧ ପ୍ରତ୍ୟେକ ଛେଳିକୁ ସିଞ୍ଚନ କରନ୍ତୁ ଏବଂ ଗୁହାଳ ଗୁଡ଼ିକୁ ମଧ୍ୟ ସିଞ୍ଚନ କରନ୍ତୁ ।
- ଖରାଦିନେ ଗୁହାଳ ଉପରେ ପାଳ ବା ନଡ଼ା ଦେବା (ଅଂଶୁଘାତରୁ ରକ୍ଷା ପାଇବା ପାଇଁ) ।
- ଖରାଦିନ ସାଧାରଣ ଗୁଡ଼ମିଶ୍ରିତ ପାଣି ପିଇବାକୁ ଦେବା ।
- ଖରା, ବର୍ଷା, ଶୀତ ଋତୁ ଗୁଡ଼ିକ ପୂର୍ବରୁ ଠିକ୍‌ଭାବେ ଗୁହାଳରେ ଫାଟଲିପିବା ଓ ୩ ଥର ଚୁନ ଦେବା ।
- ଅତ୍ୟଧିକ ବର୍ଷାଝଡ଼ିରେ ଛେଳିମାନଙ୍କୁ ଚରିବା ପାଇଁ ନଛାଡ଼ି ଡାଳପତ୍ର ଦେବା । କାରଣ ଥଣ୍ଡାକାଶ ଜନିତ ନିମୋନିଆ ରୋଗ ଅଧିକ ହେବାର ସମ୍ଭାବନା ରହିଥାଏ ।
- ଶୀତଦିନ ରାତିରେ ଗୁହାଳାର ଝରକା ବନ୍ଦ ରଖିବା କାରଣ ଛେଳିଛୁଆକୁ ଅଧିକ ମାତ୍ରାରେ ଥଣ୍ଡାକାଶ ଜନିତ ନିମୋନିଆ ରୋଗ ହୋଇଥାଏ ।
- ହଠାତ୍ କୌଣସି ରୋଗ ବା ଅସୁବିଧା ଦେଖାଗଲେ ସଙ୍ଗେ ସଙ୍ଗେ ପ୍ରାଣୀ ମିତ୍ର କିମ୍ବା ଏଲ୍.ଆଇ. କୁ ଜଣାଇବା ।
- କାକର ପଡ଼ିଥିବା ଘାସ, ଛେଳିକୁ ଖାଇବାକୁ ଦେବା ନାହିଁ କାରଣ ଥଣ୍ଡାକାଶ ହେବା ସହିତ କୃମିଜନିତ ରୋଗରେ ଆକ୍ରାନ୍ତ ହୁଅନ୍ତି ।
- ଛେଳିର ଦାନ୍ତଗଣି ଓ ଶାରୀରିକ ବୃଦ୍ଧିହାରକୁ ନଜରରେ ରଖି ଦୁର୍ବଳ ଓ ବୟସ୍କ ଛେଳିମାନଙ୍କର ଉଚିତ ସମୟରେ ବିକ୍ରୀ କରିବା ।
- ମାଆଛେଳି ଛୁଆ ଜନ୍ମ କରି ପାରୁନଥିବା ସମୟରେ ପ୍ରାଣୀ ମିତ୍ର କିମ୍ବା ଏଲ୍.ଆଇ. କୁ ଡାକି ଜନ୍ମ କରାଇବା ବ୍ୟବସ୍ଥା କରିବା ।
- ଛେଳି ଛୁଆ ଜନ୍ମ ହେବା ସଙ୍ଗେ ସଙ୍ଗେ ମାଆର କ୍ଷୀର ପହ୍ନାକୁ ଉଷୁମ ପାଣିରେ ଭଲଭାବେ ସଫାକରି ପ୍ରଥମ କଷ କ୍ଷୀରକୁ ଅଳ୍ପ ସାଧାରଣ ବାହାର କରି ଛୁଆକୁ ପିଇବାକୁ ଛାଡ଼ିବା ।







୮ ଉତ୍ତମ ବୋଦାର ଲକ୍ଷଣ ଏବଂ ଗୋଠରେ ପ୍ରଜନନ

ଭଲ ଛେଳି ଛୁଆଟିଏ ପାଇବାକୁ ହେଲେ ଗୋଟିଏ ଭଲ ବୋଦାର ଆବଶ୍ୟକ ରହିଛି । ୨୫-୩୦ଟି ମାଇଛେଳି ରହୁଥିବା ଗୋଠରେ ଗୋଟିଏ ବୋଦା ରହିଲେ ପ୍ରଜନନ ପାଇଁ ଯଥେଷ୍ଟ ହେବ । ଭଲ ବୋଦାରୁ ଗୋଟିଏ ଗୋଠରେ ୨ ବର୍ଷ ମଧ୍ୟରେ ଛୁଆ ଗୁଡ଼ିଏ ପାଇଲା ପରେ ସେହି ଗୋଠରେ ନୂଆ ବୋଦା ଆସିବା ଦରକାର । ନଚେତ୍ ସମଗୋତ୍ରୀୟ ଛେଳି ଓ ବୋଦା ମଧ୍ୟରେ ସଙ୍ଗମରୁ ଯେଉଁ ଛେଳିଛୁଆ ଜନ୍ମ ହେବେ, ସେମାନେ କ୍ରମଶଃ ଛୋଟ ଓ ରୁଗ୍ଣ ହେବେ । ଉତ୍ତମ ସଙ୍ଗମ ପାଇବାକୁ ହେଲେ ବୋଦାକୁ ସୁଷମ ଖାଦ୍ୟ ଦେବା ଦରକାର । ବୋଦାମାନଙ୍କୁ ୧୨ ରୁ ୧୮ ମାସ ବୟସ ହେଲେ ପ୍ରଜନନ ପାଇଁ ବ୍ୟବହାର କରାଯାଇ ପାରିବ ।

(କ) ଅଣ୍ଡିରା ଛେଳି (ବୋଦା)ର ଲକ୍ଷଣ ।



୧. ସାସ୍ଥ୍ୟବାନ ଏବଂ ଶାରୀରିକ କ୍ଷମତା ରହିଥିବା ଦରକାର ।
୨. ଲମ୍ବା ଏବଂ ଛାତି ଚଉଡ଼ା ଥିବ ।
୩. ଚଙ୍ଗ ଚଙ୍ଗ ସଭାବ ଅର୍ଥାତ୍ ଚଳଚଞ୍ଚଳ ପ୍ରକୃତିର ଏବଂ ଲମ୍ବା ଏବଂ ଶକ୍ତ ଗୋଡ ଥିବା ଦରକାର ।
୪. ଦେଖିବାକୁ ସୁନ୍ଦର ଥିବ ଏବଂ ଦେହର ଚମଡ଼ା କୋମଳ ଏବଂ ତୈଳାକ୍ତ ଦିଶୁଥିବ ।
୫. ଦୁଇଟି ଏବଂ ସମାନ ଆକାରର ଅଣ୍ଡକୋଶ ରହିଥିବା ଦରକାର ।
୬. ଦାନ୍ତ ଦେଖି ବୟସ ଜାଣି କିଣିବ, ସବୁ ପରମାନେଣ୍ଟ ଦାନ୍ତ ଥିଲେ କିଣିବ ନାହିଁ ।
୭. ଯେଉଁ ଗୋଠ ପାଇଁ କିଣା ଯାଇଥିବ ସେଇ ଗୋଠରେ ନିକଟ ସମ୍ପର୍କୀୟ ହୋଇନଥିବ ।

(ଖ) ଉତ୍ତମ ଗୁଣ ଥିବା ବୋଦା ଦ୍ୱାରା ସଂଗମ ।



ସବୁଠାରୁ ଶୀଘ୍ର ବଢୁଥିବା ଓ ଓଜନିଆ ଅଣ୍ଡିରା ଛେଳିଛୁଆକୁ ବୋଦା ପାଇଁ ବାଛନ୍ତୁ । ସେହିପରି ମାଇଛେଳି ଛୁଆକୁ ମଧ୍ୟ ଭବିଷ୍ୟତରେ ପ୍ରଜନନ ପାଇଁ ରଖନ୍ତୁ । ଯଦି ମାଇଛେଳିକୁ ଉତ୍ତମ ବୋଦା ଦ୍ୱାରା ପ୍ରଚଳନ କରାଇବାକୁ ଚାହୁଁଛନ୍ତି ତେବେ ଆପଣଙ୍କ ବୋଦାର ପେଟତଳେ ଗୋଟେ ମୋଟା କନା ବାନ୍ଧି ଦିଅନ୍ତୁ । ଏଇ ବୋଦା ଆପଣଙ୍କ ଛେଳି ଗରମରେ ଅଛି କି ନାହିଁ ଜାଣିବାରେ ସାହାଯ୍ୟ କରିବ । ତା'ପରେ ଉତ୍ତମ ବୋଦା ଦ୍ୱାରା ସଂଗମ କରାଇବେ ।

(ଗ) ଅଣ୍ଡିରା ଛେଳିର ଖାସ୍ସୁ କରଣ (ଧରାଣ) ।

ଅଣ୍ଡିରା ଛେଳିଛୁଆ ୧ ମାସ ରୁ ୩ମାସ ହେବା ବେଳକୁ ଧରାଣ ଦରକାର ପଡ଼େ । ଏହି ଧରାଣ ଯୋଗୁଁ ଅଣ୍ଡିରା ଛେଳି ଛୁଆର ବୋଦାଳିଆ ଗନ୍ଧ ଦୂର ହୋଇଥାଏ । ଛୁଆଟି ଭଲ ବଢ଼େ ଓ ମାଈ ମାନଙ୍କ ପାଇଁ ଅଯଥା ମୁଣ୍ଡବ୍ୟଥାର କାରଣ ହୁଏ ନାହିଁ ବା ସଙ୍ଗମ କରିବାକୁ ସକ୍ଷମ ହୋଇନଥାଏ । ମେସିନ୍ ବା ବର୍ଡ଼ିଯୋ କାଷ୍ଟ୍ରେଟ୍‌ର ସାହାଯ୍ୟରେ ଧରାଣ ନିରାପଦ । କିନ୍ତୁ ବହୁତ ସମୟରେ ଗାଁ ଗହଳିରେ ଛେଳି ଛୁଆର କୋଷକୁ ଓ ତାକୁ ଲାଗିଥିବା ସୁଷ୍ମ ନଳୀକୁ କାଢ଼ି ବାହାର କରି ଦିଆଯାଏ । ଠିକ୍ ଭାବରେ ବିଶୋଧନ ହୋଇ ନଥିଲେ ଯାବତୀୟ ରୋଗ ସଂକ୍ରମଣ ହୁଏ । ଟିଟାନସ୍ ରୋଗ ହେଲେ ଛେଳିଛୁଆ 'କାଠ ଘୋଡା'ର ଅବସ୍ଥାକୁ ଆସେ । ତା'ର ମାଂସ ଶରୀର କାଠ ଭଳି ହୋଇଯାଏ । ଯେତେବେଳେ ଚିକିତ୍ସା ପାଇଁ ଆସିଲେ ଚିକିତ୍ସା ବ୍ୟୟସାପେକ୍ଷ ହୁଏ ଓ ଅନେକ ସମୟରେ ସଫଳ ମଧ୍ୟ ହୁଏନାହିଁ । ତେଣୁ ଅଭିଜ୍ଞତା ସଂପନ୍ନ ପ୍ରାଣୀଧନ ନିରୀକ୍ଷକ ବା ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଖୋଲା ପ୍ରଣାଳୀ (Open method) ରେ ଧରାଣ କଲେ ବା ମେସିନ୍ ଦ୍ୱାରା କଲେ ଧରାଣ ସଂପୂର୍ଣ୍ଣ ନିରାପଦ ହୋଇଥାଏ ।

ଖୋଲା ପଦ୍ଧତିରେ ଧରାଣ
କରିବା ପାଇଁ ଔଷଧ ଏବଂ ଯନ୍ତ୍ରପାତି



ବର୍ଡିଯୋ କାଷ୍ଟ୍ରେଟ୍‌ର ମାଧ୍ୟମରେ ଧରାଣ



୯ ପ୍ରଜନନର୍ ନିୟମ ଏବଂ ମାଈଛେଳି ଓ ଛୁଆର୍ ଯତ୍ନ

(କ) ପ୍ରଜନନ କ୍ଷମତା ପ୍ରାପ୍ତ ହେବା

ସାଧାରଣତଃ ମାଇଛେଳି ଛୁଆଟିଏ ୭ ରୁ ୮ ମାସ ମଧ୍ୟରେ ପ୍ରଜନନ କ୍ଷମତା ପ୍ରାପ୍ତ ହୋଇଥାଏ । ଏହି ସମୟରେ ମାଇଛେଳିଟି, ଅଣ୍ଡିରା ଛେଳିର ସଂଗମ ଦ୍ୱାରା ଗର୍ଭସଂଚାର ହୋଇଥାଏ କିନ୍ତୁ ଏହି ସମୟରେ ମାଇଛେଳିର ଗର୍ଭାଶୟ ଭଲଭାବେ ଗଠନ ହୋଇନଥାଏ । ଏଣୁ ଶୀଘ୍ର ଗର୍ଭସଞ୍ଚାର ଦ୍ୱାରା ଭବିଷ୍ୟତରେ ମାଁ ଛେଳି ଏବଂ ଛୁଆ ପ୍ରତି ବିପଦ ରହିଥାଏ । ଏଣୁ ଏପରି ଅବାଞ୍ଛିତ ଗର୍ଭସଞ୍ଚାର ନକରେଇବା ପାଇଁ ମାଇଛେଳିକୁ ବୋଦାଠାରୁ ଦୂରରେ ରଖନ୍ତୁ । ପ୍ରଜନନ ପାଇଁ ମାଇଛେଳିର ପ୍ରକୃତ ବୟସ ହେଲା ୯ ମାସ ରୁ ୧୨ ମାସ ଭିତରେ ଏବଂ ବୋଦାର ବୟସ ଏକ ବର୍ଷରୁ ଦେଢ଼ ବର୍ଷ ହୋଇଥିବା ଦରକାର ।

(ଖ) ଉତ୍ତମ ମାଇଛେଳିର ଲକ୍ଷଣ



୧. ଛେଳିଟିର ସ୍ୱାସ୍ଥ୍ୟ ଭଲ ଥିବ ଏବଂ କୌଣସି ଶାରୀରିକ ଅକ୍ଷମତା ଯଥା:- ଛୋଟି, କଣା ହୋଇନଥିବ ।
୨. ଛେଳିଟିର ଲମ୍ବା ଏବଂ ଛାତି ଚଉଡ଼ା ହେବା ଦରକାର ।
୩. ଲମ୍ବା ଏବଂ ମଜ୍‌ବୁତ୍ ଗୋଡ଼ ହେବା ଦରକାର । ବଙ୍କା କିମ୍ବା ଛୋଟ ଗୋଡ ହୋଇନଥିବ ।
୪. ଦେଖିବାକୁ ସୁନ୍ଦର ହୋଇଥିବ ଏବଂ ପ୍ରଜନନ ଯନ୍ତ୍ର ଠିକ୍ ଥିବ ।
୫. ଛେଳିଟି କିମ୍ବା ଛେଳିର ମାଁ ଦୁଇଟି ଛୁଆ ଦେଉଥିବ ।
୬. ଦେହର ଚମଡ଼ା ସୁନ୍ଦର, ମଖମଲି ଏବଂ ତୈଳାକ୍ତ ଥିବ ।
୭. ପାଟିର ଦାନ୍ତ ଦେଖି ବୟସ ଜାଣି କିଣିବା ଦରକାର ।
୮. ଚିର ଦୁଇଟି ହାତକୁ କୋମଳ ଲାଗୁଥିବା ଦରକାର, କୌଣସି ପ୍ରକାର ରୋଗ ନଥିବ ।

(ଗ) ଛେଳି ଗରମ ହେବା ଓ ଏହାର ଲକ୍ଷଣ

ଛେଳି ବର୍ଷରେ ଦୁଇଥର ଗରମକୁ ଆସେ, ଥରେ ମେ କିମ୍ବା ଜୁନ୍ ମାସ ଭିତରେ ଆଉଥରେ ନଭେମ୍ବର କିମ୍ବା ଡିସେମ୍ବର ମାସରେ । ଛେଳିର ଗରମ ରହିବା ସମୟ ହେଲା- ୨୪ଘଣ୍ଟା ରୁ ୪୮ଘଣ୍ଟା ମଧ୍ୟରେ । ଏହି ସମୟରେ ବୋଦା ଦ୍ୱାରା ସଂଗମ ହେବା ଦରକାର । ସଂଗମ ଯଦି ଠିକ୍ ସମୟରେ ହୁଏ ତାହାହେଲେ ଗର୍ଭ ସଂଚାର ହୋଇଥାଏ । ଥରେ ଗର୍ଭ ସଂଚାର ହେଲେ ମାଇଛେଳି ଆଉ ଗରମକୁ ଆସେ ନାହିଁ । ମାଇଛେଳିର ସଂଗମ ପରେ ଗରମକୁ ନଆସିବା, ଶାନ୍ତ ସ୍ୱଭାବ ହେବା ଇତ୍ୟାଦି ଗର୍ଭସଂଚାରର ଲକ୍ଷଣ ବୋଲି ଜାଣିବା ।

ଗର୍ଭ ଧାରଣ ସମୟ - ସାଧାରଣତଃ ମାଇଛେଳିର ଗର୍ଭଧାରଣର ସମୟ ୧୫୦ ଦିନ (୫ ଦିନ କମ୍ ବେଶୀ ହୋଇପାରେ) ।

ଛୁଆ ଜନ୍ମ କରିବାର ୬୦ ରୁ ୭୦ଦିନ ମଧ୍ୟରେ ମାଇଛେଳି ପୁଣି ଗରମକୁ ଆସେ । ଏବଂ ତା'ପରେ ପୁଣି ଗର୍ଭବତୀ ହେବା ପର୍ଯ୍ୟନ୍ତ ପ୍ରତି ୧୮ ରୁ ୨୧ ଦିନରେ ଗରମକୁ ଆସିଥାଏ । ଯେଉଁ ଛେଳିମାନେ "ଘେରା ଗରମ" ଲକ୍ଷଣ ପ୍ରକାଶ କରିଥାନ୍ତି, ତାଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ଉଚିତ୍ ।

ଗରମ ହେବାର ଲକ୍ଷଣ

- ପ୍ରଜନନ ଯନ୍ତ୍ର ଫୁଲିଥାଏ । ଲାଲ ଏବଂ ତୈଳାକ୍ତ ହୋଇଥାଏ ଏବଂ ହାତକୁ ଗରମ ଲାଗେ ।
- ଛେଳି ତାର ଲାଞ୍ଜକୁ ବାରମ୍ବାର ହଲାଏ ।
- ବାରମ୍ବାର ବୋବାଏ ଏବଂ ଧିରସ୍ଥିର ହୋଇ ରହିପାରେ ନାହିଁ ।
- ଖାଇବା ପାଇଁ ଆଗ୍ରହ ପ୍ରକାଶ କରେନାହିଁ ।
- ବୋଦାର ସଂଗମ ବେଳେ ଧିରସ୍ଥିର ହୋଇ ଛିଡାହୁଏ ।
- ବୋଦା ନଥିଲେ ଛେଳିଙ୍କର ଗରମ ଲକ୍ଷଣ ଜାଣିବା କଷ୍ଟକର ।

(ଘ) ଗର୍ଭିଣୀ ଛେଳିର ଯତ୍ନ

- ଅଲଗା ଗୁହାଳରେ ଗର୍ଭିଣୀ ଛେଳିକୁ ରଖିବା ।
- ଗୁହାଳ ସବୁବେଳେ ସଫା ସୁତୁରା ରଖିବା ।
- ଗୁହାଳର ଚଟାଣ ସମତଳ ନହେଲେ ପଡ଼ିଯାଇ ଗର୍ଭ ନଷ୍ଟ ହେବାର କାରଣ ହୋଇପାରେ ।
- ପର୍ଯ୍ୟାପ୍ତ ପରିମାଣର କଅଁଳ ଘାସ, ପତ୍ର ଯୋଗାଇଦେବା ଉଚିତ୍ ।
- ଦୈନିକ ସୁଷମ ଖାଦ୍ୟ ଯୋଗାଇ ଦେବା ଦରକାର ଏହା ଛୁଆ ଜନ୍ମ ହେବା ପର୍ଯ୍ୟନ୍ତ ଦେବାକଥା କାରଣ ଏହା ଛୁଆର ସାମଗ୍ରିକ ବୃଦ୍ଧିରେ ସାହାଯ୍ୟ କରେ ।
- ଖାଦ୍ୟ ଗ୍ରହଣ ବେଳେ ଅନ୍ୟ ଛେଳି, ଗର୍ଭିଣୀ ଛେଳିକୁ ଖାଦ୍ୟ ଗ୍ରହଣରେ ବାଧା ସୃଷ୍ଟି ଯେପରି ନକରେ ଏବଂ ପରସ୍ପର ମଧ୍ୟରେ ଲଢ଼େଇ ଯେମିତି ନହୁଏ, ସେଥିପ୍ରତି ଦୃଷ୍ଟି ରଖିବା ଆବଶ୍ୟକ ।
- ଯଥେଷ୍ଟ ପରିମାଣର ପାଣି ଯୋଗାଇ ଦେବା ଦରକାର ।
- ଚରେଇବା ପାଇଁ ବେଶି ଦୂରକୁ ନନେବା ଉଚିତ୍ ।
- ଠିକ୍ ସମୟରେ ଫେନ୍‌ବେଣ୍ଡାଜଲ୍ କୃମି ନାଶକ ଦେବା ଦରକାର ।

(ଙ) ପ୍ରସବ ସମୟର ଲକ୍ଷଣ

- ପହ୍ନାର ଆକାର ହଠାତ୍ ବଢ଼ିଯିବା ଏବଂ ଚିରଗୁଡିକ ହାତକୁ ଟାଣ ଲାଗିବା ।
- ପ୍ରଜନନ ଯନ୍ତ୍ର ଫୁଲିଯିବା, ନାଲି ଏବଂ ହାତକୁ ଗରମ ଲାଗିବା ।
- ଖାଦ୍ୟ କମ୍ ଖାଇବା ଏବଂ ଖାଦ୍ୟ ପ୍ରତି ବିତୃଷ୍ଣା ଭାବ ।

- ଅସ୍ଥିରତା ଭାବ ଯଥା:- ଚଟାଣ ବାରମ୍ବାର ଖୁରାରେ ଆଘାତ କରିବା ।
- ବାରମ୍ବାର ଶୋଇବା ଏବଂ ଉଠିବା ଏବଂ ଭୂଇଁରେ ଗଡ଼େଇ ହେବା ।
- ଘନଘନ ବୋବାଇବା, କୁନ୍ଥେଇବା ଏବଂ କରୁଣ ଚିତ୍କାର କରିବା ।
- ଏପରି ଲକ୍ଷଣ ଦେଖାଯିବାର ୮ ରୁ ୧୦ ଘଣ୍ଟା ମଧ୍ୟରେ ଯଦି ଛେଳି ପ୍ରସବ ନକରେ ତାହାହେଲେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କର ସାହାଯ୍ୟ ନେବା ଦରକାର ।

(ଚ) ସୁଖ ପ୍ରସବ ନହେବାର କାରଣ

- ଆଗ ଦୁଇଗୋଡ଼ରୁ ଗୋଟିଏ ଗୋଡ଼ ପଛ ପଟକୁ ବୁଲି ଯାଇଥିଲେ ।
- ମୁଣ୍ଡଟି ଆଗ ଦୁଇଗୋଡ଼ର ସନ୍ଧିରେ ନରହି ପଛପଟକୁ ବୁଲି ରହିଥିଲେ ।
- ଛୁଆଗୁଡ଼ିକ ଭୂତ ଛୁଆ ହୋଇଥିଲେ (ମୁଣ୍ଡବଡ଼, ପିଠିରେ କୁଜ ଥିବ, ଆଗଗୋଡ଼ ଏବଂ ପଛଗୋଡ଼ର ଅସମତା ଇତ୍ୟାଦି) ।
- ମୁଣ୍ଡ ଭିତର ପଟକୁ ଏବଂ ପଛ ଦୁଇଗୋଡ଼ ଆଗକୁ ଥିଲେ ।
- ଜରାୟୁରେ ଛୁଆ ମରି ଯାଇଥିଲେ ।
- ଛୁଆ ଅତିରିକ୍ତ ବଡ଼ ଏବଂ ହୃଷ୍ଟପୁଷ୍ଟ ଆକାରର ହୋଇଥିଲେ ।

(ଛ) ଫୁଲ କେତେବେଳେ ପଡ଼ିବ

ସାଧାରଣତଃ ଛୁଆ ଜନ୍ମ ହେବାର ତିନିରୁ ଛଅ ଘଣ୍ଟା ମଧ୍ୟରେ ଫୁଲ ପଡ଼ିଯାଏ । କିନ୍ତୁ ଛୁଆ ଜନ୍ମ ହୋଇ ୨୪ ଘଣ୍ଟାରୁ ଅଧିକ ସମୟ ଧରି ଫୁଲ ନପଡ଼ିଲେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କର ସାହାଯ୍ୟ ନିଅନ୍ତୁ ଏବଂ ମାଁ ଛେଳିକୁ ଉପଯୁକ୍ତ ଔଷଧ ଦିଅନ୍ତୁ ।

(ଜ) ଛେଳି ଛୁଆର ଯତ୍ନ

- ଛେଳି ଛୁଆର ନାହିକୁ ହାତରେ ଛିଣ୍ଡାଇବେ ନାହିଁ । ପ୍ରାକୃତିକ ଉପାୟରେ ଶୁଖି ଝଡ଼ିବା ପାଇଁ ଛାଡ଼ିଦେବା । ଜନ୍ମ ହେବା ପରେ ଯଦି ନାହି ଛିଣ୍ଡି ନଥାଏ, ତାହାହେଲେ ନୂଆ ସୁତାରେ ବାନ୍ଧି ଗୋଟିଏ ନୂଆଁ ବ୍ଲେଡ୍‌ରେ ଆୟୋଡିନ୍ କିମ୍ବା ସ୍ପିରିଟ୍ ମାରି ଦୁଇ ଆଙ୍ଗୁଳି ଛାଡ଼ି କାଟି ଦିଅନ୍ତୁ ।
- ଜନ୍ମ ହେବାର ୪୫ ମିନିଟ୍ ଭିତରେ ମାଆ ତା'ର ଛୁଆକୁ ଚାଟି ସଫା କରିଥାଏ । ନହେଲେ ଛେଳି ଛୁଆକୁ ସଫା କନାରେ ପୋଛି ଦିଅନ୍ତୁ । ନାକ ଏବଂ ପାଟି ଭିତରୁ ଲାଳୁଆ ପଦାର୍ଥ ପୋଛି ବାହାର କରି ଦିଅନ୍ତୁ ।
- ଛେଳି ଛୁଆକୁ ତା ମା'କୁ ଚାଟିବାକୁ ଦିଅନ୍ତୁ । ଛେଳି ଛୁଆକୁ ଟିକିଏ ଗରମ ସେକ ଦେଇ ଦେଲେ ଭଲ ।
- ଛେଳି ଛୁଆ ଯଦି ନିଜେ ଉଠି ନପାରି ମାଆ ପାଖରୁ କ୍ଷୀର ନଖାଇ ପାରିଲେ ନିଜେ ସେଥିପାଇଁ ଛୁଆକୁ ସାହାଯ୍ୟ କରନ୍ତୁ । ଏବଂ ଛୁଆକୁ ନେଇ ପାଟି ମେଲା କରି ଚିରରୁ କ୍ଷୀର ପିଆନ୍ତୁ । ଯେମିତି ହେଲେ ପହ୍ନାର ପ୍ରଥମ କ୍ଷୀର ଛେଳିଛୁଆକୁ ୧ ଘଣ୍ଟା ଭିତରେ ପିଆନ୍ତୁ । କାରଣ ଏହି କ୍ଷୀରରେ ରୋଗ ପ୍ରତିଶେଧକ ଶକ୍ତି ଥାଏ । ଏହି କ୍ଷୀର ଛେଳିଛୁଆକୁ ଭବିଷ୍ୟତରେ ରୋଗମୁକ୍ତ ହେବାରେ ସାହାଯ୍ୟ କରେ ।



ଛେଳିଛୁଆ ଜନ୍ମ ର ପ୍ରାୟ ୩ ମାସ ଯାଏ ମା' ପାଖରେ ରହୁଥିବା ଦିନଗୁଡିକରେ କେତେ ଗୁଡିଏ ସାଧାରଣ ଜିନିଷ ପ୍ରତି ଧ୍ୟାନ ଦେଲେ ଛେଳିର ସ୍ୱାସ୍ଥ୍ୟ ଠିକ୍ ରହେ । ନଚେତ୍ ବହୁତ ସମୟ ରେ ଅବହେଳାର ଶିକାର ହୋଇ ଏ ବୟସରେ ଅନେକ ଗୁଡିଏ ଛେଳି ମୃତ୍ୟୁମୂଖରେ ପଡନ୍ତି ।

ଛୁଆ ଜନ୍ମର ପ୍ରଥମ ସପ୍ତାହରେ ଇଣ୍ଟେରେଚିଆ କୋଲାଇ (E.coli) ସଂକ୍ରମଣରୁ ବହୁତ ସମୟରେ ଝାଡା ହୋଇଥାଏ । ତେଣୁ ଏହି ସମୟରେ ଟେଟ୍ରାସାଇକ୍ଲିନ୍ ବଟିକାରୁ ଫାଳେ ୩/୪ ଦିନ ଦେଲେ ଝାଡା ଭଲ ହୋଇଯାଏ । ଛେଳି ଛୁଆ ୧୫ ଦିନର ହୋଇଗଲେ ତାକୁ ପାଇପାରଜିନ୍ ତରଳ(Piperazine liquid) ଦ୍ୱାରା ଗୋଲକୃମି(Ascaria) ପାଇଁ ଚିକିତ୍ସା କାରାଯାଏ । ଜନ୍ମଠାରୁ ୧ରୁ ୨ ମାସରେ ପ୍ରଥମ ପାଇଁ ପାଇପାରାଜିନ୍ ମାତ୍ରା ୨ମି.ଲି. ଦେବାପରେ ପ୍ରତ୍ୟେକ ୧୫ ଦିନ ଅନ୍ତରରେ ଆଉ ୩ ରୁ ୪ ଥର ଦେଇଦେଲେ, ଛେଳିଛୁଆ ଗୋଲକୃମି ଜନିତ (Ascaria) ରୋଗ ମୁକ୍ତ ରହେ । ରକ୍ତ ଝାଡା ହେଲେ ଜନ୍ମର ୨ ମାସ ମଧ୍ୟରେ କକ୍ସିଡିଆ(Coccidia) ସନ୍ଦେହ କରି ସଲଫା ବଟିକାରେ ଚିକିତ୍ସା କରାଗଲେ ଭଲ ହୋଇଥାଏ । ଛେଳିଛୁଆ ୩ ମାସ ହେବାବେଳକୁ ତା' ମା ଠାରୁ ଛାଡି ହୋଇଯାଏ ।



୧୦ ଛେଳି ରୋଗ, ନିରାକରଣ ଏବଂ ପ୍ରାଥମିକ ଚିକିତ୍ସା

ଗୋଟିଏ ଜନ୍ତୁକୁ ଠିକ୍ ସମୟରେ ଏବଂ ଉଚିତ୍ ପରିମାଣରେ ଖାଦ୍ୟ ଏବଂ ପାନୀୟ ଦେଉଥିଲେ ମଧ୍ୟ ଏବଂ ପାରିପାର୍ଶ୍ୱିକ ଅବସ୍ଥା ଓ ଜଳବାୟୁର କୌଣସି ପରିବର୍ତ୍ତନ ହୋଇନଥିଲେ ମଧ୍ୟ ଯଦି ତା'ର ଦୈନନ୍ଦିନ ଜୀବନକ୍ରିୟା ଏବଂ ମାନସିକ ସ୍ଥିତିରେ ଯଦି ବ୍ୟାଘାତ ଘଟେ ତାହାହେଲେ ଆମେ ଜାଣିବା ଜନ୍ତୁଟିର ସ୍ୱାସ୍ଥ୍ୟ ଭଲନାହିଁ ବା ଜନ୍ତୁଟିର କୌଣସି ନା କୌଣସି ରୋଗ ହୋଇଛି । ସେଥିପାଇଁ ନିକଟରେ କାର୍ଯ୍ୟରତ ଥିବା ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଗ୍ରହଣ କରନ୍ତୁ ।

ଜନ୍ତୁ ଅସୁସ୍ଥ ହେବାର କାରଣ

୧. ରୋଗରୁ
୨. ଅସମତୁଲ ଖାଦ୍ୟ ଯୋଗାଣ
୩. ଦୁର୍ଘଟଣା ଜନିତ
୪. ବଣ୍ୟ ଜନ୍ତୁର ଆକ୍ରମଣରେ
୫. ବିଷାକ୍ତ ଦ୍ରବ୍ୟ ଖାଇବାରେ
୬. ବାର୍ଦ୍ଧକ୍ୟ ଜନିତ
୭. ଗୁହାଳ ସଫା ନରଖିଲେ
୮. ଖାଦ୍ୟାଭାବ ଜନିତ

ଅସୁସ୍ଥ ହେବାର ଲକ୍ଷଣ

୧. ଠିକ୍ ପରିମାଣର ଖାଦ୍ୟ ନଖାଇବା
୨. ଦେହର ସାଧାରଣ ଉତ୍ତାପ ବଢ଼ିଯିବା
୩. ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା
୪. ନାକରୁ ପାଣି ଏବଂ ପାଟିରୁ ଲାଳ ବୋହିବା
୫. ଆଖି ଲାଲ୍ ଦେଖାଯିବା ଏବଂ ପାଣି ବୋହିବା
୬. ଝାଡ଼ାର ରଙ୍ଗ ବଦଳିବା, ତରଳ ଝାଡ଼ା ଏବଂ ଝାଡ଼ାରେ ରକ୍ତ ପଡ଼ିବା
୭. ଦେହର ଓଜନ ହଠାତ୍ କମିଯିବା
୮. ଦେହର ଚମଡ଼ା ଶୁଖିଲା ଦେଖାଯିବା ଏବଂ ଲୋମ ଟାଆଁସିଆ ଦେଖାଯିବା
୯. ଗୋଡ଼ ଛୋଟେଇବା
୧୦. ଦେହରେ ଘା ହେବା, ଯାଦୁ ହେବା ଏବଂ ଉକୁଣି କିମ୍ବା ଟିଙ୍କ ହେବା ଇତ୍ୟାଦି

ଉପରୋକ୍ତ ଲକ୍ଷଣରୁ ଆମେ ଜାଣିବା ଯେ ଆମ ପାଖକୁ ଅଣାଯାଇଥିବା ଜନ୍ତୁଟି କୌଣସି ନା କୌଣସି ରୋଗରେ ପିଡ଼ୀତ ଅଛି । ତା'ପରେ ଆମକୁ ଜାଣିବାକୁ ପଡ଼ିବ ଯେ ସେହି ରୋଗ କେଉଁ ପ୍ରକାରର ଅଟେ ।

ରୋଗର ପ୍ରକାର ଭେଦ

ରୋଗର ପ୍ରକାରଭେଦ	ରୋଗର ବାହକ	ରୋଗର ନାମ
(କ) ଅନ୍ତଃ ପରଜୀବି ଜନିତ	ଏକକୋଷୀ ପ୍ରାଣୀ (Protozoan)	ରକ୍ତଝାଡା (Coccidiosis)
		ରକ୍ତ ପରିଶ୍ରା (Babesiosis)
		ଭଉଁରୀ ରୋଗ (Tripainosomiyaasis)
	କୃମି (Worms)	ଯକୃତ (Liver) କୃମି (Fascioliasis)
		ପାକସ୍ଥଳୀ କୃମି (Paramphistomiasis)
		ହିମୋଙ୍କୋସିସ୍ (Haemonchosis)
		ଫିତାକୃମି (Tape Worm)
		ଫୁସ୍ ଫୁସ୍ କୃମି (Lungs Worm)
(ଖ) ବାହ୍ୟ ପରଜୀବି ଜନିତ	ଟିଙ୍କ (Ticks), ଉକୁଣି (Lice)	ଥାଇଲେରିଆସିସ୍, ଚର୍ମରୋଗ (Mange), ପକ୍ଷାଘାତ, ଗର୍ଭପାତ
(ଗ) କବକ ଜନିତ	କବକ (Fungal)	ଯାଦୁ ରୋଗ (Ring Worm)
(ଘ) ଭୂତାଣୁ ଜନିତ	ଭୂତାଣୁ (Virus)	ଛେଳି ମଡ଼କ (P.P.R.)*
		ଛେଳି ବସନ୍ତ (Goat Pox)*
		ଫାଟୁଆ ଏବଂ ମୁହାଁ ରୋଗ (F.M.D.)*
		ମୁଁହ ଘା' (Sore Mouth) କିମ୍ବା ମେଁ ମେୟାଁ ରୋଗ
(ଙ) ବୀଜାଣୁ ଜନିତ	ବୀଜାଣୁ (Bacteria)	ଏଣ୍ଟେରୋଟକ୍ସିମିଆ (Enterotexaemia)*
		ସାହାଣା (H.S.)
		ବଜ୍‌ବଜିଆ (B.Q.)
		ଆନ୍ଥ୍ରାକ୍ସ (Anthrax)
		ଥନହରା (Mastitis)
		ଗର୍ଭପାତ ରୋଗ (Brucellosis)
		ଖୁରା ରୋଗ (Foot Rot)
(ଚ) ଅନ୍ୟାନ୍ୟ ସାଧାରଣ ରୋଗ		ଭୋକ ନହେବା (Anorexia)
		ଜ୍ୱର ହେବା (Fever)
		ଖାଦ୍ୟ ଗୋଳାବନ୍ଧା (Impaction)
		ପେଟ ଫମା (Tympany or Bloat)
		ଶର୍ଦ୍ଦି ଏବଂ କାଶ (Cold & Cough) ବା ନିମୋନିଆ
		ବଥ (Abscess)
		ଝାଡ଼ା ରୋଗ (Diarrhea, Scour)
		ଘା (Wound)
		ବିଷାକ୍ତ (Poisioning)
		ଦେହରେ ପାଣିର ଅଭାବ (Dehydration)
		ପକ୍ଷାଘାତ (Paralysis)

* ଏହି ରୋଗ ଗୁଡ଼ିକ ପାଇଁ ଟୀକା ନିହାତି ଦେବା ଦରକାର ।

ଯେଉଁ ରୋଗ ଗୋଟିଏ ସଂକ୍ରମିତ ଛେଳି ଠାରୁ ଅନ୍ୟ ସୁସ୍ଥ ଛେଳିଟିକୁ ସଂକ୍ରମିତ ହୁଏ ତାହାକୁ ସଂକ୍ରାମକ ରୋଗ କହନ୍ତି । ଏହା ପାଣି, ଖାଦ୍ୟ, ପବନ ଏବଂ ସଂସ୍ପର୍ଶ ଜନିତ ହୋଇଥାଏ ।

ପରଜୀବି ପ୍ରାଣୀ:

ପରଜୀବି ପ୍ରାଣୀ ଅର୍ଥାତ୍ ଯେଉଁ ପ୍ରାଣୀ ନିଜେ ଖାଦ୍ୟ ତିଆରି କରିପାରେନାହିଁ କିନ୍ତୁ ନିଜ ଖାଦ୍ୟ ଏବଂ ନିଜର ପୁଷ୍ଟିପାଇଁ ଅନ୍ୟ ଉପରେ ନିର୍ଭର କରେ । ପରଜୀବି ପ୍ରାଣୀ ସାଧାରଣତଃ ଦୁଇ ଭାଗରେ ବିଭକ୍ତ ଯଥା କ) ଅନ୍ତଃ ପରଜୀବି ଏବଂ ଖ) ବାହ୍ୟ ପରଜୀବି । ଯେଉଁ ପ୍ରାଣୀ ଦେହ ଭିତରେ ବିଭିନ୍ନ ସ୍ଥାନରେ ରହି ବଂଶ ବିସ୍ତାର କରେ ଏବଂ କେତେକ ନିର୍ଦ୍ଦିଷ୍ଟ ରୋଗ ସୃଷ୍ଟି କରେ ତାହାକୁ ଅନ୍ତଃ ପରଜୀବି କହନ୍ତି । ଏବଂ ଯେଉଁ ପ୍ରାଣୀ ଯଥା ଟିଙ୍କ, ଉକୁଣି ଏବଂ ମାଛି ଦେହର ଉପର ଅଂଶରେ ଅର୍ଥାତ୍ ଚମଡ଼ାରେ ବସବାସ କରନ୍ତି ଏବଂ ସେଠାରେ ସେମାନେ ବଂଶ ବିସ୍ତାର କରନ୍ତି ଏବଂ କେତେକ ନିର୍ଦ୍ଦିଷ୍ଟ ରୋଗର ବାହକ ହୋଇ ରୋଗ ସୃଷ୍ଟି କରନ୍ତି, ତାଙ୍କୁ ବାହ୍ୟ ପରଜୀବି କହନ୍ତି ।

(କ) ଅନ୍ତଃ ପରଜୀବି ଦ୍ୱାରା ହେଉଥିବା ରୋଗ

ଅନ୍ତଃ ପରଜୀବି ଦୁଇ ପ୍ରକାର ଅଟନ୍ତି ।

- **ପ୍ରୋଟୋଜୋଆନ୍ ଜାତୀୟ** ଯିଏକି ରକ୍ତର ଲୋହିତ ରକ୍ତ କଣିକାରେ ସେମାନଙ୍କର ବଂଶ ବିସ୍ତାର କରି ଲୋହିତ ରକ୍ତ କଣିକାକୁ ନଷ୍ଟ କରିଦିଅନ୍ତି ।
- **କୃମି ଜାତୀୟ** ଯିଏକି ଦେହର ଭିତର ଅଂଶରେ ଯଥା ପାକସ୍ଥଳୀ, କ୍ଷୁଦ୍ର ଅନ୍ତନଳୀ, ବୃହତ୍ ଅନ୍ତନଳୀ, କଲିଜା, ଫୁସ୍‌ଫୁସ୍, ଶ୍ୱାସନଳୀରେ ରୁହନ୍ତି ଏବଂ ସେଠାରେ ସେମାନେ ତାଙ୍କର ବଂଶ ବିସ୍ତାର କରନ୍ତି ଏବଂ ଯୋଉ ଯନ୍ତୁ ଦେହରେ ଥାଆନ୍ତି ତାହାରି ଖାଦ୍ୟ ଶୋଷଣ କରି ତାକୁ ଦୁର୍ବଳ କରିଦିଅନ୍ତି ।



ପ୍ରୋଟୋଜୋଆନ୍ ଜନିତ ରୋଗ

୧. ରକ୍ତଝାଡା (Coccidiosis)

କାରଣ :

ଇମେରିଆ (Eimeria) ଜାତୀୟ ପରଜୀବି ମାନଙ୍କ ଦ୍ୱାରା ଏହି ରୋଗ ହୋଇଥାଏ । ରୋଗାକ୍ରାନ୍ତ ପ୍ରାଣୀମାନଙ୍କର ମଳର ସଂସ୍ପର୍ଶରେ ଖାଦ୍ୟ ଓ ଜଳ ପ୍ରଦୂଷିତ ହୋଇ ସୁସ୍ଥ ଛେଳିମାନଙ୍କୁ ସଂକ୍ରମିତ କରିଥାଏ । ଛୋଟ ଗୁହାଳରେ ଅଧିକ ଛେଳି ପାଳନ ଏହି ରୋଗପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ ।



ଲକ୍ଷଣ :-

ଶରୀର ରକ୍ତହୀନ ଓ ଦୂର୍ବଳ ହୋଇଯାଏ ।
ଭୋକ ହୁଏ ନାହିଁ ।
ଦୁର୍ଗନ୍ଧଯୁକ୍ତ ତରଳ ଝାଡ଼ା ହୁଏ, ଝାଡ଼ାରେ ରକ୍ତ ପଡ଼ିଥାଏ ।
ପଛଗୋଡ଼ ଦୁଇଟି ଅଚଳ ହୋଇପଡ଼େ ।
ଛେଳି ଛୁଆମାନଙ୍କର ଅଧିକ ସଂଖ୍ୟାରେ ମୃତ୍ୟୁ ଘଟିଥାଏ ।

ନିରାକରଣ :-

ଛେଳି ଗୁହାଳକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ତାହା ଯେପରି ଶୁଖିଲା ରହେ ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ । ପାଳିତ ଛେଳିମାନଙ୍କର ସଂଖ୍ୟାକୁ ଦୃଷ୍ଟିରେ ରଖି ଗୁହାଳର ଆକାର ନିର୍ଦ୍ଧାରଣ କରାଯିବା ଉଚିତ୍ ।

ରକ୍ତ ପ୍ରୋଟୋଜୋଆନ୍ ଜନିତ ରୋଗ

ଏହି ପ୍ରାଣୀଟି ପଶୁର ରକ୍ତରେ ରହେ ଏବଂ ସେଠାରେ ତା'ର ବଂଶ ବିସ୍ତାର କରେ ଏବଂ ଆସ୍ତେ ଆସ୍ତେ ବିଭିନ୍ନ ପ୍ରକ୍ରିୟା ଦ୍ୱାରା ରକ୍ତର ଲୋହିତ ରକ୍ତ କଣିକାଗୁଡ଼ିକ ନଷ୍ଟ କରିଦିଏ ଫଳରେ ରୋଗୀ ରକ୍ତ ହୀନତାର ଶିକାର ହୁଏ ଏବଂ ଶେଷରେ ମୃତ୍ୟୁ ମୁଖରେ ପଡ଼େ । ଏହି ରୋଗ ସାଧାରଣତଃ ଶୀତ ଦିନେ ବେଶୀ ହୁଏ । କାରଣ ଏହି ସମୟରେ ଟିଙ୍କର ପ୍ରାଦୁର୍ଭାବ ବେଶୀ ହୋଇଥାଏ । ଟିଙ୍କ ଏହି ରୋଗର ବାହକ ଏବଂ ଗୋଟିଏ ଆକ୍ରାନ୍ତ ପଶୁକୁ କାମୁଡ଼ି ତା'ର ରକ୍ତ ଶୋଷଣ କରି ଗୋଟିଏ ସୁସ୍ଥ ଛେଳିକୁ କାମୁଡ଼ିବା ଦ୍ୱାରା ଏହି ରୋଗ ହୋଇଥାଏ ।

୨. ରକ୍ତ ପରିଶ୍ରା ରୋଗ (Babesiosis)

ରୋଗ କେମିତି ହୁଏ - ଏହି ରୋଗ ଟିଙ୍କ କାମୁଡ଼ିବାର ୧ ରୁ ୨ ସପ୍ତାହ ମଧ୍ୟରେ ହୋଇଥାଏ । ଏହା ଏକ ମାରାତ୍ମକ ରୋଗ । ଏହି ରୋଗରେ ଛେଳିର ରକ୍ତ ପରିଶ୍ରା ହୁଏ ଏବଂ ଦେହର ରକ୍ତର ପରିମାଣ କମିଯିବା ଦ୍ୱାରା ରକ୍ତହୀନତା ରୋଗ ଦେଖାଯାଏ ଏବଂ ଶେଷରେ ରୋଗୀର ମୃତ୍ୟୁ ହୁଏ ।

ଲକ୍ଷଣ -


ରକ୍ତହୀନତା ଆଖି

୧. ହଠାତ୍ ଦେହର ଉତ୍ତାପ ବଢ଼ିଯାଏ ୧୦୪° ରୁ ୧୦୬° ଫାରେନ୍‌ହିଟ୍ ରହେ ।
୨. ଖାଦ୍ୟ ପ୍ରତି ଆଗ୍ରହ କମିଯାଏ ।
୩. ପଶୁଟି ନିସ୍ତେଜ ହୋଇପଡ଼େ ଏବଂ ଦୁର୍ବଳ ହୋଇପଡ଼େ ।
୪. କ୍ଷୀର ଦେବା କମିଯାଏ ।
୫. ହୃଦ୍‌ସ୍ପନ୍ଦନ ବଢ଼ିଯାଏ ।
୬. ରକ୍ତହୀନତା ଦେଖାଯାଏ ।
୭. ରୋଗ ବଢ଼ିଗଲେ ପରିଶ୍ରାରେ ରକ୍ତ ଆସେ ଏବଂ ପରିଶ୍ରାର ରଙ୍ଗ ଗାଢ଼ ବାଦାମୀ କିମ୍ବା ଗାଢ଼ ଲାଲ୍ ଦେଖାଯାଏ । କାରଣ ଲୋହିତ ରକ୍ତ କଣିକା ଗୁଡ଼ିକର ମୃତ୍ୟୁଘଟେ ଏବଂ ତାହା ପରିଶ୍ରାରେ ମିଶି ଆସେ ।
୮. ଗର୍ଭବତୀ ଛେଳିର ଗର୍ଭପାତ ଘଟେ ।
୯. ସ୍ନାୟୁବିକ ଦୁର୍ବଳତା ଦେଖାଯାଏ ଏବଂ ଆକ୍ରାନ୍ତ ଛେଳିଟି ଚାଲିଲା ବେଳେ ଟଳଟଳ ହୁଏ ।
୧୦. ଏହି ଲକ୍ଷଣ ସବୁ ଦେଖାଦେବାର ଆଠରୁ ନଅ ଦିନ ଭିତରେ ଛେଳିଟିର ମୃତ୍ୟୁ ହୁଏ ।

ଏହା କିପରି ଦୂର କରିହେବ

୧. ଛେଳି ଗୁହାଳ ସଫା ରଖିବେ ।

୨. ଗୁହାଳରେ ଟିଙ୍କ ହୋଇଥିଲେ ତା'ର ବଂଶ ସମୂଳେ ନାଶ କରିବା ପାଇଁ ଔଷଧ ପ୍ରୟୋଗ କରିବେ ।

୩. ରୋଗର ଲକ୍ଷଣ ଦେଖାଦେଲେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ଆରମ୍ଭ କରିଦେବେ ।

୩. ଭଉଁରୀ ରୋଗ (Trypano Somiyaasis)

ରୋଗ କେମିତି ହୁଏ ?

ଏହା ଏକ ମାରାତ୍ମକ ରୋଗ । ଟିଙ୍କ କାମୁଡ଼ିବା ଦ୍ୱାରା ଏହି ରୋଗ ହୋଇଥାଏ । ଏହି ରୋଗର ରକ୍ତହୀନତା ଦେଖାଦିଏ ଏବଂ ଶେଷରେ ଛେଳିଟିର ମୃତ୍ୟୁ ଘଟେ । ମୃତ୍ୟୁହାର ଶତକଡ଼ା ଶହେ କୁ ଶହେ । ଏହି ରୋଗକୁ ଭଉଁରୀ ରୋଗ ମଧ୍ୟ କହନ୍ତି କାରଣ ଆକ୍ରାନ୍ତ ଛେଳିଟି ପାଗଳ ଭଳି ବୃତ୍ତାକାରରେ ଘୂରୀ ବୁଲେ ।

ଲକ୍ଷଣ:-

୧. ମଝିରେ ମଝିରେ ଜ୍ୱର ହୁଏ ଏବଂ ଶରୀରର ଉତ୍ତାପ ବଢ଼ି ୧୦୬° ଫାରେନ୍‌ହିଟ୍ ହୋଇଥାଏ ।

୨. ଖାଦ୍ୟ ପ୍ରତି ଆଗ୍ରହ କମି କମି ଯାଏ ।

୩. ଆକ୍ରାନ୍ତ ଛେଳିଟି ନିସ୍ତେଜ ଦେଖାଯାଏ ଏବଂ ଖାଦ୍ୟ ନଖାଇବା ଦ୍ୱାରା ଦୁର୍ବଳ ହୋଇପଡେ ।

୪. ରକ୍ତହୀନତା ଦେଖାଦିଏ ।

୫. ରୋଗ ବଢ଼ିବା ସଙ୍ଗେ ସଙ୍ଗେ ସ୍ନାୟୁବିକ ଦୁର୍ବଳତା ଦେଖାଦିଏ ।

୬. ଚାଲିଲା ବେଳେ ଟଳମଳ ହୁଏ ।

୭. ସିଧା ନଚାଲି ଭଉଁରୀ କାଟେ ଏବଂ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବୃତ୍ତାକାରରେ ଘୂରିବୁଲେ ।

୮. ଶେଷ ଅବସ୍ଥାରେ ରୋଗାକ୍ରାନ୍ତ ଛେଳିଟି ତଳେ ପଡ଼ିଯାଏ ।

୯. ଏହି ଅବସ୍ଥାରେ ଛେଳିଟି ତିନି ଚାରିଦିନ ପଡ଼ି ଶେଷରେ ମୃତ୍ୟୁ ହୁଏ ।



କିପରି ଏହା ଦୂର କରିହେବ ?

୧. ଛେଳି ଗୁହାଳ ସବୁବେଳେ ସଫା ରଖିବ ।

୨. ଯଦି ଗୁହାଳରେ କିମ୍ବା ଛେଳି ଦେହରେ ଟିଙ୍କ ହୋଇଥାଏ ତାହାହେଲେ ଔଷଧ ବ୍ୟବହାର କରି ଟିଙ୍କ ବଂଶ ନାଶ କରିବା ଦ୍ୱାରା ।

୩. ରୋଗର ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେଇ ଉପଯୁକ୍ତ ଚିକିତ୍ସା କରିବା ।

କୃମି ଜନିତ ରୋଗ

କୃମି ପଶୁର ଦେହ ଭିତରକୁ ବିଭିନ୍ନ ଉପାୟରେ ଯଥା ସଂସ୍ପର୍ଶରେ ଆସିବା ଦ୍ୱାରା, ସଂକ୍ରମିତ ଖାଦ୍ୟ ଓ ପାନୀୟ ଦ୍ୱାରା, ଏବଂ ମଳଦ୍ୱାର ବାଟଦେଇ ପ୍ରବେଶ କରେ । କୃମି ଦ୍ୱାରା ସଂକ୍ରମିତ ପଶୁ ଯେତେ ଖାଦ୍ୟ ଖାଇଲେ ମଧ୍ୟ ଦୁର୍ବଳ ହୋଇଯାଏ ଏବଂ ବୟସ ଅନୁପାତରେ ତା'ର ଦେହର ବୃଦ୍ଧି ଘଟେନାହିଁ । କାରଣ କୃମି ସବୁ ତା ଦେହରେ ରକ୍ତ ଏବଂ ଖାଦ୍ୟସାର ଶୋଷିନେଇ ନିଜର ପୁଷ୍ଟି ବଢ଼ାନ୍ତି ।

କୃମି ହୋଇଛି ବୋଲି କେମିତି ଜାଣିବ

୧. ପଶୁଟି ଦୁର୍ବଳ ଶରୀରର ହୋଇଥାଏ, ଓଜନ କମିଯାଏ ।
୨. ଭୋକ କମ୍ ହୁଏ, ଜ୍ୱର, କାଶ, ତରଳ ଝାଡ଼ା ଇତ୍ୟାଦି ।
୩. ଚମଡ଼ା ଶୁଖିଲା ଏବଂ ଲୋମ ସବୁ ଟାଆଁସା ଦେଖାଯାଏ ।
୪. ପଶୁଟି ଶେଥା ଦେଖାଯାଏ ।
୫. ମୁହଁର ତଳ ଭାଗ ଫୁଲିଯାଏ ଏବଂ ପାଣି ଜମା ହେଲାଭଳିଆ ଦିଶେ ।
୬. ଝାଡ଼ାରେ କୃମି କିମ୍ବା କୃମି ଖଣ୍ଡ ସବୁ ପଡ଼େ ।
୭. ଅଣୁବିକ୍ଷଣ ଯନ୍ତ୍ର ସାହାଯ୍ୟରେ ଝାଡ଼ା ପରୀକ୍ଷା କଲେ ଝାଡ଼ାରେ କୃମିର ଅଣ୍ଡାସବୁ ଦେଖାଯାଆନ୍ତି ।



କୃମି ନହେବା ପାଇଁ କ'ଣ କରିବ

୧. ଛେଳିମାନଙ୍କର କୃମି ଦୂରୀକରଣ ପାଇଁ ପ୍ରାଣୀ ଚିକିତ୍ସକଙ୍କର ପରାମର୍ଶ ନିଅନ୍ତୁ ।
୨. ପ୍ରତି ତିନି ରୁ ଛରି ମାସରେ ଥରେ ଲେଖାଏଁ ସମସ୍ତ ପଶୁଙ୍କୁ କୃମିନାଶକ ଔଷଧ ଦେବା ଉଚିତ୍ । ପ୍ରଥମେ ଜାନୁଆରୀ ମାସରେ, ତା'ପରେ ମେ ମାସରେ ଏବଂ ଶେଷରେ ଡିସେମ୍ବର ମାସରେ ।
୩. କେତେକ ବଜାରରେ ମିଳୁଥିବା କୃମି ଔଷଧ ହେଲା- ଆଲବେଣ୍ଡାଜୋଲ୍, ଫେନ୍‌ବେଣ୍ଡାଜୋଲ୍, ଡାଲବାଜେନ୍, ବାନିମିନ୍ଥ ଓ କୁରାମିନ୍ଥ ଇତ୍ୟାଦି ।
୪. କୃମି ଦୂରୀକରଣ ପାଇଁ ଗୋଟିଏ ପ୍ରାପ୍ତ ବୟସ୍କ ଛେଳିକୁ ଏକ ଆଲ୍‌ବେଣ୍ଡାଜୋଲ୍ ବଟିକା ଖୁଆଇ ଦିଅନ୍ତୁ । କିମ୍ବା ପ୍ରତି ୪ କେ.ଜି. ଓଜନରେ ୧ମି.ଲି. ଆଲ୍‌ବେଣ୍ଡାଜଲ୍ ଦିଅନ୍ତୁ । ତିନିରୁ ଚାରି ମାସ ବୟସର ଛେଳିଛୁଆଙ୍କୁ ଅଧା ଆଲ୍‌ବେଣ୍ଡାଜୋଲ୍ ବଟିକା ଖାଇବାକୁ ଦିଅନ୍ତୁ । ଛେଳିଛୁଆ ମା'କ୍ଷୀର ଛାଡ଼ିବା ମାତ୍ରେ ଆଲ୍‌ବେଣ୍ଡାଜୋଲ୍ ଔଷଧ ଦେବା ଭଲ । ଗର୍ଭିଣୀ ଛେଳିକୁ ଫେନ୍‌ବେଣ୍ଡାଜଲ୍ ଔଷଧ ଦିଆଯାଏ ।
୫. ନିୟମିତ କୃମିନାଶକ ଖୁଆଇବା ଦ୍ୱାରା ଛେଳିର ସ୍ୱାସ୍ଥ୍ୟ ଭଲ ହେବା ସାଙ୍ଗକୁ ଓଜନ ବଢ଼ିଥାଏ ।
୬. ଛେଳି ଗୁହାଳ ସବୁବେଳେ ସଫା ରଖିବା ପାଇଁ ଚେଷ୍ଟା କରିବା ଦରକାର ।
୭. ଛେଳି ଗୁହାଳରେ ଭାଡ଼ି କରିବା ଦରକାର ଏବଂ ଭାଡ଼ିତଳୁ ଝାଡ଼ା ଏବଂ ପରିଶ୍ରା ପ୍ରତିଦିନ ବାହାର କରିବା ଦରକାର ।
୮. ଛେଳିଙ୍କର ଚରିବା ସ୍ଥାନ ମଝିରେ ମଝିରେ ପରିବର୍ତ୍ତନ କରିବା ଦରକାର ।

୯. ଛେଳିଙ୍କୁ ନଦୀ କିମ୍ବା ଝରଣାର ପାଖାପାଖି ଯେଉଁଠି ଗେଣ୍ଡା ବେଶୀ ଦେଖାଯାନ୍ତି, ଚରାଇବା ଉଚିତ୍ ନୁହେଁ । ନଦୀ ଝରଣା ଠାରୁ ଦୂରରେ ଚରାଇବା ଉଚିତ । କାରଣ ଗେଣ୍ଡା କେତେକ ରୋଗର ବାହକ ଭାବେ କାର୍ଯ୍ୟ କରିଥାଏ ।



ଛେଳିମାନଙ୍କୁ ଔଷଧ ପିଆଇବା ପ୍ରଣାଳୀ



ଗୁଣ୍ଡ କୃମି ଔଷଧ ଖୁଆଇବା



ତରଳ କୃମି ଔଷଧ ଖୁଆଇବା

(ଖ) ବାହ୍ୟ ପରଜୀବି ଜୀବାଣୁ ଦ୍ୱାରା ହେଉଥିବା ରୋଗ

ବାହ୍ୟ ପରଜୀବି କ'ଣ ?

ଛେଳିର ଶରୀର ଉପରେ ବାହ୍ୟପରଜୀବି ରହି ଚମଡାରୁ ରକ୍ତ ଖାଇଥାଏ ।

ବାହ୍ୟପରଜୀବି ର ପ୍ରକାର

- ଟିଙ୍କ
- ଉକୁଣି
- ଡାଁଆଶ, ମାଛି
- ଅତି ଛୋଟ ବୁଢୀଆଣି ପରି ପୋକ

ସେମାନେ କେଉଁ ପ୍ରକାର କ୍ଷତି କରନ୍ତି ?

- କାମୁଡିବା ଯୋଗୁଁ ଜଳା ଓ ପୋଡା ହୁଏ ।
- ଯେଉଁ ଅଂଶ ଅଧିକ କୁଣ୍ଡାଇ ହୁଏ ତାହା ଘାଆ ହୋଇଯାଏ ।
- ବିଶେଷତଃ ପ୍ରବଳ ଟିଙ୍କ ଉପଦ୍ରବ ରୁ କ୍ରମଶଃ ଦୁର୍ବଳ ଓ ରକ୍ତହୀନତା ଦେଖାଦିଏ ।
- ଟିଙ୍କ ଦ୍ୱାରା ପକ୍ଷାଘାତ ବି ହୋଇପାରେ ।

୧. ଥାଇଲେରିଆସିସ୍ (Theileriosis)

ରୋଗ କେମିତି ହୁଏ ?

ଏହି ରୋଗ ଗୋଟିଏ ମାରାତ୍ମକ ରୋଗ । ଟିଙ୍କ ଦ୍ୱାରା ଏହି ରୋଗ ବ୍ୟାପେ । ଗୋଟିଏ ଆକ୍ରାନ୍ତ ଛେଳିକୁ ଟିଙ୍କ କାମୁଡ଼ିବା ପରେ ଯଦି ସେଇ ଟିଙ୍କ ଗୋଟିଏ ସୁସ୍ଥ ଛେଳିକୁ କାମୁଡେ ତାହାହେଲେ ସୁସ୍ଥ ଛେଳିଟି ରୋଗାକ୍ରାନ୍ତ ହୋଇଯାଏ । ଏହି ରୋଗରେ ଆକ୍ରାନ୍ତ ଶତକଡ଼ା ଅଶୀରୁ ନବେ ଭାଗ ଛେଳି ମୃତ୍ୟୁବରଣ କରଥାନ୍ତି ।

ଲକ୍ଷଣ-



୧. ଆକ୍ରାନ୍ତ ଛେଳିର ଉତ୍ତାପ ୧୦୬° ରୁ ୧୦୭° ଫାରେନ୍‌ହିଟ୍ ବଢ଼ିଯାଏ ।
୨. ଛେଳିଟି ନିସ୍ତେଜ ହୋଇଯାଏ ।
୩. ଖାଦ୍ୟ ଖାଇବା ବନ୍ଦ କରିଦିଏ ।
୪. କ୍ଷୀର ଦେବା କମିଯାଏ ।

ନିୟନ୍ତ୍ରଣ ପଦକ୍ଷେପ



- ରୋଗୀଣା ଛେଳିର ଶରୀର ଉପରେ ଆସୁନଟାଲ୍ ୦.୧% ସିଞ୍ଚନ ବା ସ୍ପ୍ରେ (୧ ଗ୍ରାମକୁ ୧ ଲିଟର ପାଣିରେ ମିଶାଇ)
- ଛେଳି ଶରୀର ଉପରେ ବ୍ୟୁଟକ୍ସ ୧ ମିଲି ଲିଟର ଔଷଧ ପ୍ରତି ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ବାହ୍ୟ ପରଜୀବି କୁ ଅଳ୍ପ ସଂଖ୍ୟାରେ ସୀମିତ ରଖିବା ପାଇଁ ଗୁହାଳ ଓ ଗୋବର କୁ ଔଷଧ ଦ୍ୱାରା ସଫା କରିବା ଉଚିତ୍ ।
- ମହୁଲ ଫଳର ତେଲ (ଟୋଲ ତେଲ) ଭଲ କାମ ଦିଏ ।

୨. ଚର୍ମରୋଗ (Mange)





ଟିଙ୍କ, ଉକୁଣି ଆଦି ଏହି ଚର୍ମରୋଗର ସୃଷ୍ଟି କାରକ ଅଟନ୍ତି ।

ଲକ୍ଷଣ :

- ପ୍ରଥମେ ଛେଳିର ମୁଣ୍ଡ ଓ କାନରେ ହୋଇଥାଏ ।
- କ୍ରମଶଃ, ବେକ, ଛାତି ଓ ପେଟକୁ ବ୍ୟାପେ ଏବଂ ଶରୀରର ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ଆକ୍ରାନ୍ତ ହୁଏ ।
- ଛେଳି ଦୂର୍ବଳ ହୋଇପଡ଼େ ଏବଂ ମୃତ୍ୟୁ ହେବାର ସମ୍ଭାବନା ସୃଷ୍ଟି ହୋଇଥାଏ ।

ନିରାକରଣ :

- ଲୋମ କାଟି ଦିଆଯିବା ଆବଶ୍ୟକ ।
- ପ୍ରାଣୀ ଚିକିତ୍ସକଙ୍କ ଠାରୁ ପରାମର୍ଶ ନେଇ ଆବଶ୍ୟକୀୟ ଔଷଧ ଦିଆଗଲେ ସଫଳତା ମିଳିଥାଏ ।
- ଗୁହାଳ ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଉଚିତ୍ ।
- ମାଛି ଓ ଡାଆଁଶ ମାନଙ୍କର ପ୍ରଭାବରୁ ଛେଳିମାନଙ୍କୁ ମୁକ୍ତ ରଖିବା ପାଇଁ ମାଲାଥିନ୍ ଆଦି ପାଣିରେ ଗୋଳି ଗୁହାଳ ପରିସରରେ ସିଞ୍ଚନ କରିବା ଯଥୋଚିତ ଅଟେ ।

(ଗ) କବକ ଜନିତ ରୋଗ (Fungal)

ଯାଦୁରୋଗ (Ring Worm)

ଏହା ଗୋଟିଏ ଚର୍ମରୋଗ । ପୃଥିବୀର ସବୁ ଅଞ୍ଚଳରେ ପଶୁଙ୍କ ଦେହରେ ଏହି ରୋଗ ହୋଇଥାଏ । ଏହା ଗୋଟିଏ ଡିଆଁରୋଗ । ଏହା ପଶୁର ମୁଣ୍ଡରେ, ବେକରେ, ମଳଦ୍ୱାରରେ ଏବଂ ଦେହର ଅନ୍ୟାନ୍ୟ ସ୍ଥାନରେ ଦେଖାଯାଏ ।



କେମିତି ବ୍ୟାପେ

୧. ସଂସ୍ପର୍ଶ ଜନିତ ରୋଗ ।

୨. ସଂସ୍ପର୍ଶରେ ଆସିବାର ଛଅ ଦିନରୁ ତିରିଶ ଦିନ ମଧ୍ୟରେ ସାଧାରଣତଃ ଏହି ରୋଗ ହୋଇଥାଏ ।

୩. ଏହା ଦେଖିବାକୁ ଗୋଲ୍, ଫୁଲିଲା ଫୁଲିଲା ଏବଂ ହାତକୁ ଖଦଡ଼ା ଲାଗେ ।

୪. ପ୍ରାଥମିକ ଅବସ୍ଥାରେ ଏହା ହାତକୁ ଓଦାଳିଆ ଲାଗେ ଏବଂ ପରେ ଶୁଖିଲା ହୋଇଯାଏ ।

୫. ଏହା ସମୟ ସମୟରେ କୁଣ୍ଡାଇ ହୁଏ ଏବଂ କେତେକ କ୍ଷେତ୍ରରେ କୁଣ୍ଡାଇ ହୁଏନାହିଁ ।

ରୋଗ ପ୍ରତିରୋଧକ କରିବ କିପରି

୧. ସଂକ୍ରମିତ ଛେଳିକୁ ଅନ୍ୟ ଛେଳିଠାରୁ ଅଲଗା ରଖିବା ।

୨. ଛେଳି ଗୁହାଳକୁ ସବୁବେଳେ ସଫା ରଖିବ ଏବଂ ଫିନାଇଲ୍ ପାଣି ଦ୍ୱାରା ଧୋଇବ ।

(ଘ) ଭୂତାଣୁ ଜନିତ ରୋଗ (Virus)

୧. ଛେଳି ମଡ଼କ (ପେସ୍‌ଡିସ୍ ପେଟିସ୍ ରୁମିନେଣ୍ଟ, P.P.R.)

ଏହି ରୋଗ ଏକ ମାରତ୍ମକ ଭୂତାଣୁ ଜନିତ ରୋଗ । ଭାରତର ସବୁ ପ୍ରଦେଶରେ ଏହି ରୋଗ ଦେଖାଯାଏ । ସାଧାରଣତଃ ଛେଳି ଓ ମେଣ୍ଢାଙ୍କୁ ଏହି ରୋଗ ହୋଇଥାଏ । ଏହି ରୋଗରେ ମୃତ୍ୟୁହାର ଏତେ ବେଶି ଯେ ଏହାକୁ ଛେଳି ପ୍ଲେଗ ମଧ୍ୟ କହନ୍ତି । ଶତକଡା ମୃତ୍ୟୁହାର ୮୦ରୁ ୯୦ ଭାଗ ହୋଇଥାଏ । ଏହି ରୋଗ ବର୍ଷର ଯେ କୌଣସି ଋତୁରେ ହୋଇପାରେ । ମେଣ୍ଢା ଅପେକ୍ଷା ଛେଳିକୁ ଏହି ରୋଗ ବେଶୀ ହେବାର ଦେଖାଯାଏ ।

ରୋଗ କେମିତି ବ୍ୟାପେ-

୧. ସଂକ୍ରମିତ ଛେଳିର ସଂସ୍ପର୍ଶରେ ଆସିବା ଦ୍ୱାରା ।
୨. ସଂକ୍ରମିତ ଛେଳିର ଝାଡା, ସିଙ୍ଗାଣି ଦ୍ୱାରା ବ୍ୟାପେ ।
୩. ବାହର ଗାଁର ସଂକ୍ରମିତ ଛେଳିଟି ଗାଁ କୁ ଆସିବା ଦ୍ୱାରା ଗାଁ ର ସୁସ୍ଥ ଛେଳି ସବୁ ରୋଗାକ୍ରାନ୍ତ ହୋଇଯାଆନ୍ତି ।

ରୋଗର ଲକ୍ଷଣ-





୧. ଅତ୍ୟଧିକ ଶରୀର ଉତ୍ତାପ (୧୦୫° ରୁ ୧୦୭° ପାରେନ୍‌ହାଇଟ)
୨. ଘନ ଘନ ଛିଙ୍କିବା ଏବଂ କାଶ ହେବା ।
୩. ନାକରୁ ପାଣି ବୋହିବା ।
୪. ଆଖିରେ ଲେଞ୍ଜରା ହେବା ।
୫. ପାଟିଭିତର ଶିଝିଯାଏ, ମାଢି ଏବଂ ଜିଭ ଫୁଲିଯାଏ ।
୬. ତରଳ ଓ ଦୁର୍ଗନ୍ଧ ଯୁକ୍ତ ଝାଡା ହେବା ଏବଂ ଝାଡାରେ ଲାଳ ଓ ରକ୍ତ ପଡିବା ।
୭. ଶ୍ୱାସନେବା ବେଳେ କଷ୍ଟ ଅନୁଭବ କରିବା ।

ରୋଗ କେମିତି ଚିହ୍ନିବା ।

୧. ଉପରୋକ୍ତ ଲକ୍ଷଣ ଗୁଡିକରୁ ।
୨. ପରୀକ୍ଷାଗାରରେ ସଂକ୍ରମିତ ଛେଳିର ରକ୍ତର ନମୂନା ପରୀକ୍ଷା କରି ।
୩. ଗାଁ ଲୋକଙ୍କୁ ପଚାରି ରୋଗୀଛେଳି ଅନ୍ୟ ଗାଁରୁ ଆସିଛିକି ନାହିଁ ଜାଣିବା

ପ୍ରତିଷେଧକ ବ୍ୟବସ୍ଥା-

୧. ସୁସ୍ଥ ଛେଳିଗୁଡିକ ସଂକ୍ରମିତ ଛେଳିର ସଂସ୍ପର୍ଷ ରେ ଆସିବାର ସୁଯୋଗ ନ ଦେବା ଦ୍ୱାରା ।
୨. ସୁସ୍ଥ ଛେଳି କୁ ଛେଳି ପି.ପି.ଆର୍. ଟୀକା ବର୍ଷକୁ ଥରେ ଦେବା ।

୨. ଛେଳି ବସନ୍ତ (Goat Pox)

ଏହା ଗୋଟେ ସଂକ୍ରାମକ ଭୂତାଣୂ ଜନିତ ଚର୍ମରୋଗ । ଛେଳିକୁ ଏହି ରୋଗ ସମୟ ସମୟ ରେ ହୁଏ । ଛେଳିର ପହ୍ନାରେ, ଚିରରେ, ଆଖିମୁହଁ ଏବଂ ଦେହରେ ଅଧିକାଂଶ ସ୍ଥାନରେ ଫୋଟକା ଦେଖାଯାଏ । ଏହା ପାଚିଯାଏ ଏବଂ ସେଥିରୁ ପୂଜ ବାହାରେ ଏବଂ ଅନେକ ସମୟରେ ଚିକିତ୍ସା ଏବଂ ସେବାର ଅଭାବରେ ଏହି ରୋଗୀ ର ମୃତ୍ୟୁ ହୋଇଯାଏ ।



ରୋଗ କେମିତି ବ୍ୟାପେ –

୧. ରୋଗୀର ସଂସ୍ପର୍ଶରେ ଆସିଲେ ।
୨. ପବନ ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପେ ।
୩. ସଂକ୍ରମିତ ଛେଳିର ଖାଦ୍ୟ ଏବଂ ପାନୀୟ ଦ୍ୱାରା ।
୪. ସମୟ ସମୟରେ ମାଛି ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପେ ।

ରୋଗ ର ଲକ୍ଷଣ

୧. ସୁସ୍ଥ ଛେଳିର ଦେହକୁ ଏହି ଭୂତାଣୁ ପ୍ରବେଶ କରିବାର ତିନିରୁ ପାଞ୍ଚଦିନ ଭିତରେ ଏହି ରୋଗ ହୋଇଥାଏ ।
୨. ତାପମାତ୍ରା ୧୦୪° ରୁ ୧୦୬° ଫାରେନ୍‌ହାଇଟ୍ ରହେ ।
୩. ପ୍ରଥମେ ପହ୍ନାରେ ଏବଂ ଚିରରେ ଫୋଟକା ହୁଏ ଏବଂ ଆସ୍ତେ ଆସ୍ତେ ଶରୀରର ଅନ୍ୟ ଆଡକୁ ବ୍ୟାପେ ।
୪. ଏହି ଫୋଟକା ର ରଙ୍ଗ ଲାଲ୍ କିମ୍ବା ହଳଦିଆ ହୋଇଥାଏ ।
୫. ସମୟ ସମୟରେ ବସନ୍ତ ଫୋଟକାଗୁଡିକ ଜଂଘ ଭିତର ପଟେ ଲୋମ ନ ଥିବା ଅଂଶରେ ଏବଂ ଅଣ୍ଡକୋଷରେ ମଧ୍ୟ ଦେଖାଯାଏ ।



ପ୍ରତିଷେଧକ ବ୍ୟବସ୍ଥା

୧. ସୁସ୍ଥ ଛେଳିଗୁଡିକ ସଂକ୍ରମିତ ଛେଳିର ସଂସ୍ପର୍ଷ ରେ ଆସିବାର ସୁଯୋଗ ନ ଦେବା ଦ୍ୱାରା ।
୨. ସୁସ୍ଥ ଛେଳି କୁ ଛେଳି ବସନ୍ତ ଟୀକା ବର୍ଷକୁ ଥରେ ଦେବା ।

୩. ଫାଟୁଆ ଏବଂ ମୁହାଁ (F.M.D.)

ଏହି ରୋଗ ଗୋଟିଏ ମାରାତ୍ମକ ଭୂତାଣୁ ଜନିତ ରୋଗ । ଦୁଇଭାଗରେ ବିଭକ୍ତ ହୋଇଥିବା ଖୁରାଥିବା ସମସ୍ତ ଗୃହପାଳିତ ଏବଂ ବଣ୍ୟପଶୁଙ୍କୁ ଏହି ରୋଗ ହୋଇଥାଏ । ସାଧାରଣତଃ ଏହି ରୋଗରେ ବୟସ୍କ ପଶୁଙ୍କର ମୃତ୍ୟୁ ହୁଏନାହିଁ କିନ୍ତୁ ୬ ମାସରୁ କମ୍ ବୟସର ପଶୁ ଶାବକଙ୍କର ମୃତ୍ୟୁହାର ପ୍ରାୟ ଶତକଡା ଶହେଭାଗ ହୋଇଥାଏ । ଏହି ରୋଗ ପୃଥିବୀର ସମସ୍ତ ଅଞ୍ଚଳରେ ଦେଖାଯାଏ ।

ରୋଗ କେମିତି ବ୍ୟାପେ –

୧. ଏହି ରୋଗ ସାଧାରଣତଃ ବାୟୁ ଦ୍ୱାରା ବ୍ୟାପେ ।
୨. ସଂକ୍ରମିତ ଖାଦ୍ୟ ଏବଂ ପାନୀୟ ଦ୍ୱାରା ।
୩. ସଂକ୍ରମିତ ପଶୁଙ୍କୁ ଅଲଗା ନ ରଖିବା ଦ୍ୱାରା ।
୪. ଗୁହାଳ ସଫା ନ ରଖିବା ଦ୍ୱାରା ।
୫. ରୋଗ ର ଭୁତାଣୁ ସୁସ୍ଥ ପଶୁ ଦେହରେ ପ୍ରବେଶ କରିବାର କିଛି ଦିନ ମଧ୍ୟରେ ଏହି ରୋଗ ଦେଖାଯାଇଥାଏ ।



ରୋଗର ଲକ୍ଷଣ–

୧. ଦେହର ଉତ୍ତାପ ଅତ୍ୟଧିକ ବଢିଯିବା । ପ୍ରାୟ ୧୦୬° ରୁ ୧୦୭° ଫାରେନହାଇଟ୍ ।
୨. ଖାଦ୍ୟ ଖାଇବା ବନ୍ଦ କରି ଦେବା ।
୩. ପାଟିରୁ ଲାଳ ଅନବରତ ବୋହିବା ।
୪. ସଂକ୍ରମିତ ପଶୁ ପାଟି ଚବ୍ ଚବ୍ କରିବା । ଏଣୁ ଏହି ରୋଗକୁ ଚବରା ମଧ୍ୟ କହନ୍ତି ।
୫. ପାଟି ଭିତରେ, ମାଢିରେ ଏବଂ ଜିଭରେ ଘା ବାହାରିବା ଏବଂ ଦୁର୍ଗନ୍ଧ ଯୁକ୍ତ ହେବା ।
୬. ଦୁଇ ଖୁରାରେ ମଧ୍ୟସ୍ଥଳରେ ଘା ହୋଇଯିବା, ପୂଜ ବାହାରିବା ଏବଂ ଦୁର୍ଗନ୍ଧ ଯୁକ୍ତ ହେବା ।
୭. ଚାଲିବା ସମୟରେ କଷ୍ଟ ଅନୁଭବ କରିବା ।
୮. ଚିକିତ୍ସାରେ ହେଳା କରିବା ଦ୍ୱାରା ଖୁରାରେ ସନ୍ଧିସ୍ଥଳରେ ମାଛି ବସିବାଦ୍ୱାରା ପୋକ ହୋଇଯିବା ।
୯. ସଂକ୍ରମିତ ପଶୁର ପାଟିର ମାଢି ଏବଂ ଜିଭରୁ ପରସ୍ତ ପରସ୍ତ ହୋଇ ଚୋପା ଛାଡିବା ।
୧୦. ସଂକ୍ରମିତ କମ୍ ବୟସର ପଶୁଙ୍କୁ ରୋଗ ଆରମ୍ଭ ହେବାର କିଛି ଘଣ୍ଟା ପରେ ମୃତ୍ୟୁ ହୋଇଯାଏ ।
୧୧. ସଂକ୍ରମିତ ଗର୍ଭବତୀ ପଶୁର ଗର୍ଭପାତ ହୋଇଯାଏ ।





ରୋଗ ନ ବ୍ୟାପିବା ପାଇଁ

୧. ସଂକ୍ରମିତ ପଶୁଙ୍କୁ ଅଲଗା ରଖିବ ।
୨. ସଂକ୍ରମିତ ଗୁହାଳକୁ ପ୍ରତିଦିନ ଫରମାଲ୍ ଡିହାଇଡ ସଲ୍ୟୁସନ୍ ପାଣିରେ ଗୋଳାଇ ସଫା କରିବା ।
୩. ସୁସ୍ଥ ଛେଳିକୁ ଏଫ୍.ଏମ୍.ଡ଼ି. ଟୀକା ବର୍ଷକୁ ଥରେ ଦେବା ।

୪. ମୁହଁ ଘା (Sore mouth) କିମ୍ବା ମେଁ ମେୟାଁ ରୋଗ (Contagious Ecthyma)

ଏହା ଏକ ସଂକ୍ରାମକ ଭୂତାଣୁ ଜନିତ ରୋଗ । ଛେଳି ଏବଂ ମେଣ୍ଢାଙ୍କୁ ସାଧାରଣତଃ ଏହି ରୋଗ ହୋଇଥାଏ ।

ରୋଗ କେମିତି ବ୍ୟାପେ

୧. ସଂକ୍ରମିତ ଛେଳିର ସଂସ୍ପର୍ଶରେ ଆସିଲେ ।
୨. ସଂକ୍ରମିତ ଖାଦ୍ୟ ଏବଂ ପାନୀୟ ଦ୍ୱାରା ।
୩. ଗୁହାଳ ସଫା ନ ରଖିବା ଦ୍ୱାରା ।
୪. ସଂକ୍ରମିତ ଛେଳି ଲେଣ୍ଡି ଦ୍ୱାରା ବ୍ୟାପେ ।



ରୋଗ ର ଲକ୍ଷଣ

୧. ଉପର ପାଟି ଏବଂ ତଳ ପାଟିରେ ଏବଂ ନାକରେ ନାଲି ନାଲି ଚକଡା ସବୁ ଦେଖାଯାଏ ।
୨. ଏହି ଚକଡା ସବୁ ଫୁଲିଯାଏ ଏବଂ ହାତକୁ କଠିନ ଜଣାପଡେ ଏବଂ ତା ଉପରେ ଖଟି ବସିଯାଏ ।
୩. ଛେଳି ଟି ଭଲଭାବେ ଖାଇପାରେନାହିଁ ।
୪. ରୋଗୀ ଦୁର୍ବଳ ହୋଇଯାଏ ।
୫. ଖାଦ୍ୟ ନ ଖାଇ ପାରିବା ଦ୍ୱାରା ଖାଦ୍ୟଭାବରୁ ମୃତ୍ୟୁ ହୋଇଥାଏ ।



ପ୍ରତିଷେଧକ

୧. ସଂକ୍ରମିତ ଛେଳିକୁ ସୁସ୍ଥ ଛେଳିଙ୍କ ଠାରୁ ଅଲଗା ରଖିବା ।
୨. ଶିଘ୍ର ଚିକିତ୍ସା ଆରମ୍ଭ କରିଦେବା ।

(ଙ) ବୀଜାଣୁ ଜନିତ ରୋଗ (Bacteria)

୧. ଏଣ୍ଟ୍ରୋଟକ୍‌ସିମିଆ (Enterotoxemia)

କାରଣ:-

- କ୍ଲଷ୍ଟିଡିୟମ ପରଫିନ୍‌ଜେନ୍‌ସ (clostridium perfringens) ନାମକ ବୀଜାଣୁର ବିଭିନ୍ନ ପ୍ରଜାତିର ରୋଗ ସୃଷ୍ଟି କାରଣ ହୋଇଥାଆନ୍ତି । ସଂପୃକ୍ତ ବୀଜାଣୁ ମାନଙ୍କ ଠାରୁ ନିର୍ଗତ ବିଷ (toxin) ଛେଳିର ଅନ୍ତଃନଳୀରେ ଶୋଷୀତ ହେବା ଦ୍ୱାରା ଛେଳି ରୋଗଗ୍ରସ୍ତ ହୋଇଥାଏ ।



ଲକ୍ଷଣ :-



- ତରଳ ନାଳ ରକ୍ତ ଝାଡା ହୋଇଥାଏ ।
- ପେଟରେ ଭୀଷଣ ଯନ୍ତ୍ରଣା ହେବାରୁ ଛେଳି ଛାଟିପିଟି ହୁଏ ।

ନିରାକାରଣ:-

- ପ୍ରତିଷେଧକ ଟୀକା ଦ୍ୱାରା, ଏହି ରୋଗର ନିୟନ୍ତ୍ରଣ କରାଯାଇ ପାରିବ ।
- ଆକ୍ରାନ୍ତ ଛେଳି କୁ ପାଟିବାଟେ ଆଣ୍ଟିବାୟୋଟିକ ଦିଆଯାଏ ।

ପ୍ରତିଷେଧକ ବ୍ୟବସ୍ଥା

୧. ଠିକ୍ ସମୟରେ ଏଣ୍ଟ୍ରୋଟକ୍‌ସିମିଆ ଟୀକା (ବର୍ଷକୁ ଥରେ) ୨.୫ ମି.ଲି. S/C ଦିଅନ୍ତୁ ।

୨. ସାହାଣ (Haemorrhagic Septicaemia)

କାରଣ :

ବର୍ଷା ଋତୁର ପ୍ରାରମ୍ଭରେ ଏହି ରୋଗ ଦେଖାଯାଇଥାଏ । ପଷ୍ଟେଉରେଲା ମଲ୍ଟୋସିଡା (pasteurella multocida) ନାମକ ବୀଜାଣୁ ଦ୍ୱାରା ଏହି ରୋଗ ହୋଇଥାଏ । ରୋଗଗ୍ରସ୍ତ ପ୍ରାଣୀ ଲାଳରେ ଏହି ବୀଜାଣୁମାନେ ପ୍ରଚୁର ପରିମାଣରେ ନିର୍ଗତ ହୋଇଥାଆନ୍ତି । ଲାଳ ଦ୍ୱାରା ପ୍ରଦୁଷିତ ଖାଦ୍ୟ ଓ ପାନୀୟ ବ୍ୟବହାର କିମ୍ବା କେବଳ ନିଃଶ୍ୱାସ ପ୍ରଶ୍ୱାସର ସଂସ୍ପର୍ଶରେ ଆସିଲେ ସୁସ୍ଥ ଛେଳିମାନେ ରୋଗାକ୍ରାନ୍ତ ହୋଇଥାଆନ୍ତି । ଅସ୍ୱାସ୍ଥକର ପରିବେଶ, ଛୋଟ ଗୁହାଳରେ ଅଧିକ ସଂଖ୍ୟକ ଛେଳି ପାଳନ, ଉତ୍ତମ ଖାଦ୍ୟର ଅଭାବ, ଏତାଦିକ୍ରମେ ଦୀର୍ଘ ପଥ ଅତିକ୍ରାନ୍ତକରି କ୍ଲାନ୍ତ ତଥା ଯନ୍ତ୍ରଣା ଭୋଗିଥିବା ଛେଳି ମାନଙ୍କ ପାଇଁ ସେଗୁଡିକ ରୋଗର କାରଣ ହୋଇଥାଏ ।

ଲକ୍ଷଣ:-

- ଅତ୍ୟଧିକ ଜ୍ୱର ହେବା ସହିତ ଗଳାଫୁଲିଯାଇ ପାଟିରୁ ଲାଳ, ନାକରୁ ସିଙ୍ଘାଣୀ ଏବଂ ଆଖିରୁ ଲୁହ ବୋହିଥାଏ ।
- ଛେଳି ଅତ୍ୟନ୍ତ ନିଷ୍ପ୍ରଭ ଦିଶେ ।
- ରୋଗ ଆରମ୍ଭହେବାର ୨୪ ଘଣ୍ଟା ମଧ୍ୟରେ ଛେଳିଟିର ମୃତ୍ୟୁ ହୋଇଯାଏ ।

ନିରାକରଣ:-

- ଲକ୍ଷଣ ପ୍ରକାଶ ପାଇବାର ପ୍ରାଥମିକ ଅବସ୍ଥା ରେ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ସହିତ ଯୋଗାଯୋଗ କରାଯିବା ଆବଶ୍ୟକ ।
- ବର୍ଷାଋତୁ ପୂର୍ବରୁ ପ୍ରତିଷେଧକ ଟୀକା (H.S.) ଦିଆଗଲେ ଏହି ରୋଗ ରୁ ଛେଳିମାନଙ୍କୁ ରକ୍ଷାକରାଯାଇପାରିବ ।
- ଦର୍ଶାଯାଇଥିବା ଉପରୋକ୍ତ କାରଣ ଗୁଡିକ ଏଡାଇବାପାଇଁ ସଚେତନ ରହିବା ଆବଶ୍ୟକ ।

୩. ବଜ୍‌ବଜିଆ (Black Quarter)

କାରଣ : -

- କଷ୍ଟ୍ରିଡିୟମ ଚଉଭାଇ (clostridium chauvoel) ନାମକ ବୀଜାଣୂ ଏହି ରୋଗର କାରକ । ବୀଜାଣୁମାନଙ୍କ ଦ୍ୱାରା ପ୍ରଦୂଷିତ ଖାଦ୍ୟ ଓ ଜଳ ମାଧ୍ୟମରେ କିମ୍ବା ଶରୀର କ୍ଷତ ଦେଇ ବୀଜାଣୁମାନେ ଶରୀରରେ ପ୍ରବେଶ କରିଥାଆନ୍ତି ।

ଲକ୍ଷଣ :-

- ଭୀଷଣ ଜ୍ୱର ହୋଇଥାଏ ।
- ଭୋକ ହୁଏ ନାହିଁ ।
- ଅତ୍ୟନ୍ତ ବିଷର୍ଣ୍ଣ ଦିଶେ ।
- ଛୋଟାଏ ଏବଂ ଚଳପ୍ରଚଳ କରିପାରେ ନାହିଁ ।
- ପ୍ରାୟ ୨ ଘଣ୍ଟା ମଧ୍ୟରେ ମୃତ୍ୟୁ ଘଟିଥାଏ ।

ନିରାକରଣ:-

- ରୋଗର ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କର ସହାୟତା ନେଇ ଚିକିତ୍ସା କରାଇବା ଏକାନ୍ତ ଜରୁରୀ ।
- ରୋଗରେ ପଡି ମରି ଯାଇଥିବା ପ୍ରାଣୀମାନଙ୍କୁ ପୋଡି ଦିଆଯିବା ଆବଶ୍ୟକ ।
- ବୀଜାଣୁ ପରିବ୍ୟାପ୍ତ ଚାରଣ ଭୂମିକୁ ଛେଳିମାନଙ୍କୁ ଚରିବା ପାଇଁ ନଛାଡିବା ଉଚିତ୍ ।
- ରୋଗର ନିୟନ୍ତ୍ରଣ ପାଇଁ ପ୍ରତିଷେଧକ ଟୀକା (B.Q.) ଦିଆଯାଇଥାଏ ।

୪. ଆନ୍ଥ୍ରାକ୍ସ (Anthrax)

ଏହି ରୋଗ ମାରାତ୍ମକ ରୋଗ । ସବୁ ପ୍ରକାର ପଶୁଙ୍କୁ ଏହି ରୋଗ ହୋଇଥାଏ ।

କେମିତି ସଂକ୍ରମିତ ହୁଏ

୧. ସଂକ୍ରମିତ ଖାଦ୍ୟ ଏବଂ ପାନୀୟ ଦ୍ୱାରା
୨. ବାୟୁ ଦ୍ୱାରା ମଧ୍ୟ ଏହି ରୋଗ ସଂକ୍ରମିତ ହୁଏ
୩. ସଂକ୍ରମିତ ମାଛି କାମୁଡ଼ିବା ଦ୍ୱାରା

ସାଧାରଣତଃ ଗୋଟିଏ ସୁସ୍ଥ ଛେଳି ଦେହରେ ଏହି ବୀଜାଣୁ ପ୍ରବେଶ କରିବାର ଏକ ରୁ ଚଉଦ ଦିନ ଭିତରେ ଏହି ରୋଗ ଦେଖାଯାଏ ।

ରୋଗର ଲକ୍ଷଣ

୧. ହଠାତ୍ ଦେହରେ ତାପମାତ୍ରା ବୃଦ୍ଧିପାଏ । (୧୦୬° - ୧୦୭° ଫାରେନ୍‌ହିଟ୍)
୨. ଛେଳିଟି ବିଚଳିତ ହେବା ଦେଖାଯାଏ ।
୩. ଦେହର ମାଂସପେଶୀ ମଝିରେ ମଝିରେ ଥରେ ।
୪. ଆଖିକୁ ଦେଖାଯାଉଥିବା ମ୍ୟୁକସ୍ ମେମ୍ବ୍ରେନ୍ ଶେଥା ଦେଖାଯାଏ ।

୫. ରୋଗୀ ଅବସ ଦେଖାଯାଏ ଓ ନିଶ୍ୱାସ ପ୍ରଶ୍ୱାସ ଖର ତର ହୁଏ ।
୬. ଗର୍ଭିଣୀ ଛେଳିର ଗର୍ଭପାତ ହୋଇଥାଏ । ବେକ ଏବଂ ଛାତି ତଳ ଫୁଲିଯାଏ ।
୭. କ୍ଷୀର କମିଯାଏ ଏବଂ ସମୟ ସମୟରେ କ୍ଷୀରରେ ରକ୍ତ ପଡ଼ିବା ଦେଖାଯାଏ ।
୮. ତରଳ ଝାଡା ଏବଂ ସମୟ ସମୟରେ ଝାଡ଼ାରେ ରକ୍ତ ପଡ଼େ ।

ରୋଗ ଚିହ୍ନିବ କିପରି

୧. ଉପରୋକ୍ତ ଲକ୍ଷଣ ଦେଖାଯିବା ସଙ୍ଗେ ସଙ୍ଗେ ହଠାତ୍ ଛେଳିଟିର ମୃତ୍ୟୁ ଘଟେ ।
୨. ମୃତ୍ୟୁର କିଛି ସମୟ ପୂର୍ବରୁ କିମ୍ବା ପରେ ରୋଗୀ ଆଖି, କାନ, ନାକ, ପାଟି, ମଳଦ୍ୱାରା ଏବଂ ଯୋନି ଦ୍ୱାରରୁ କଳା ରଙ୍ଗର ରକ୍ତ ବାହାରି ଆସେ ।

ପ୍ରତିଷେଧକ ବ୍ୟବସ୍ଥା : ଆନ୍‌ଥ୍ରାକ୍ସ ଷ୍ଟୋର ଟୀକା - ୧ ମି.ଲି. S/C ବାର୍ଷିକ ଥରେ ଦେବା ବିଧେୟ

୫. ଥନହରା (Mastitis)

ଏହି ରୋଗରେ ଥନ ଫୁଲିଯାଏ । ହାତ ମାରିଲେ ପଥର ଭଳି ଟାଣ ଏବଂ ଗରମ ଲାଗେ । ଚିରରୁ କ୍ଷୀର ବାହାରେ ନାହିଁ ଏବଂ ସମୟ ସମୟରେ ରକ୍ତ ମିଶା କ୍ଷୀର ବାହାରେ ।

କେମିତି ସଂକ୍ରମିତ ହୁଏ

୧. ରୋଗୀଣା ଛେଳି କ୍ଷୀର ଦୁହିଁବା ପରେ ଗଉଡ଼ ହାତ ନଧୋଇ ଗୋଟିଏ ସୁସ୍ଥ ଛେଳିର କ୍ଷୀର ଦୁହେଁ ତାହାହେଲେ ସୁସ୍ଥ ଛେଳିକୁ ଏହି ରୋଗ ବ୍ୟାପିବାରେ ସାହାଯ୍ୟ କରେ ।
୨. ଗୁହାଳ ସଫା ନରଖିଲେ ।
୩. ରୋଗୀଣା ଛେଳିକୁ ଅନ୍ୟ ସୁସ୍ଥ ଛେଳିଙ୍କ ଠାରୁ ଅଲଗା ନରଖିଲେ ।

ଲକ୍ଷଣ



୧. ଚିର ଫୁଲିଯାଏ । ହାତକୁ ଟାଣ ଏବଂ ଗରମ ଲାଗେ ।
୨. ଚିର ଉପରି ଭାଗ ଫୁଲିଯାଏ । ସମୟ ସମୟରେ ଦୁଇଟିଯାକ ଚିର ଏବଂ ଚିରମୂଳ ଫୁଲିଯାଏ ।
୩. ପରୀକ୍ଷାଗାରରେ ଚିରରୁ ରକ୍ତ ମିଶା କ୍ଷୀର ବାହାରେ । ଏହା ଅଠାଳିଆ ଏବଂ ସମୟ ସମୟରେ ପାଣିଚିଆ ଦେଖାଯାଏ । ସମୟ ସମୟରେ ଏହା ଦୁର୍ଗନ୍ଧଯୁକ୍ତ ହୋଇଥାଏ ।

ପ୍ରତିଷେଧକ ବ୍ୟବସ୍ଥା

ଏହାର କିଛି ପ୍ରତିଷେଧକ ବ୍ୟବସ୍ଥା ନାହିଁ । ଏହି ରୋଗ୍ ନ ବ୍ୟାପିବା ପାଇଁ ଚିକିତ୍ସା କରାଯିବା ଉଚିତ୍ । କ୍ଷୀର ଯଦି ଦୁହାଁ ଯାଉଥାଏ ତାହାହେଲେ ଏହି ଛେଳିର କ୍ଷୀର ଆଗ ଦୁହିଁବ ଏବଂ ଭଲକରି ହାତ ସାବୁନ୍‌ରେ ସଫା କରି ଅନ୍ୟ ସୁସ୍ଥ ଛେଳିଠାରୁ କ୍ଷୀର ଦୁହିଁବ । ଗୁହାଳ ସବୁବେଳେ ସଫା ରଖିବ ।

୬. ଗର୍ଭପାତ ରୋଗ (Brucellosis)

ଏହା ଗୋଟିଏ ସଂକ୍ରାମକ ରୋଗ । ଏହି ରୋଗ କେବଳ ବୟସ୍କ ମାଇଛେଳିଙ୍କୁ ହୁଏ । ଏହି ରୋଗରେ ସମୟ ପୂର୍ବରୁ ଗର୍ଭପାତ ଘଟିଥାଏ । ଚିକିତ୍ସା ନକଲେ ପ୍ରତିଥର ଗର୍ଭପାତ ହୋଇଥାଏ ଏବଂ ଏହା ଛେଳି ପାଳନ ପାଇଁ ମାନସିକ ଏବଂ ଆର୍ଥିକ ବୋଝର କାରଣ ହୋଇଥାଏ ।

କେମିତି ସଂକ୍ରମିତ ହୁଏ

୧. ଗର୍ଭପାତ ପରେ ଛେଳି ଛୁଆଟିକୁ ସୁସ୍ଥ ଛେଳି ଚାଟିବା ଦ୍ୱାରା ।
୨. ଗର୍ଭପାତ ପରେ ପଡ଼ିଥିବା ଫୁଲଟିକୁ ସୁସ୍ଥ ଛେଳିଟି ଖାଇଯିବା ଦ୍ୱାରା ।
୩. ରୋଗୀଣା ଛେଳିର ସଂସ୍ପର୍ଷରେ ଆସିବା ଦ୍ୱାରା ।
୪. ସଂକ୍ରମିତ ଖାଦ୍ୟ ଏବଂ ପାନୀୟ ଦ୍ୱାରା ।
୫. ସଂକ୍ରମିତ ବୋଦାର ସଂଗମ ଦ୍ୱାରା ।
୬. ମାଛି ଏବଂ ଟିଙ୍କ ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପେ ।



ଲକ୍ଷଣ

୧. ଗର୍ଭ ଧାରଣର ଶେଷ ସମୟ ଆଡକୁ ଗର୍ଭପାତ ହୁଏ ।
୨. ଗର୍ଭପାତ ପୁର୍ବରୁ ଛେଳିଟି ଖାଦ୍ୟ ଖାଇବା ବନ୍ଦ କରିଦିଏ ।
୩. ଛେଳିଟି ବାରମ୍ବାର ବିକଳ ସ୍ୱର କରି କୁନ୍ଥାଏ ।

ପ୍ରତିଷେଧକ ବ୍ୟବସ୍ଥା

୧. ଗର୍ଭପାତ ଜନିତ ଛେଳିଛୁଆ, ଫୁଲ ସବୁକୁ ପୋତିଦବ କିମ୍ବା ପୋଡିଦବ ।
୨. ସଂକ୍ରମିତ ଛେଳିଟିକୁ ମାରିଦେବା ଉଚିତ୍ ଏବଂ ତାକୁ ପୋତିଦେବା ଦରକାର ।
୩. ଛେଳି ଗୁହାଳ କୁ ସଫା ରଖିବା ଦରକାର ଏବଂ ଫିନାଇଲ୍ ଦ୍ୱାରା ଧୁଆ ପୋଛା କରିବା ଦରକାର ।
୪. ବୃସେଲା ଟିକା ଦେବା ଦରକାର ।

୭. ଖୁରା ରୋଗ (Footrot)

ଏହା ଏକ ମାରାତ୍ମକ ସଂକ୍ରାମକ ରୋଗ । ପୃଥିବୀ ର ସବୁ ଦେଶରେ ଏହି ରୋଗ ଦେଖାଯାଏ । ଏହି ରୋଗ ଖୁରା ସନ୍ଧି ସ୍ଥାନରେ ଘା ହୋଇଯାଏ ଏବଂ ଦୂର୍ଗନ୍ଧଯୁକ୍ତ ପୂଜ ବାହାରେ । ଛେଳି ଚରିଯିବା ସ୍ଥାନରେ ମାଟି ଯଦି ପଥୁରିଆ ଥାଏ କିମ୍ବା ରହୁଥିବା ଗୁହାଳର ଚଟାଣ ପଥୁରିଆ ଏବଂ ସମତଳ ନ ଥାଏ ତାହାହେଲେ ଏହି ରୋଗ ସହଜରେ ହୋଇଥାଏ ।

ରୋଗ କେମିତି ବ୍ୟାପେ-



୧. ସଂକ୍ରମିତ ଛେଳିର ଖୁରାରୁ ବାହାରୁଥିବା ପୂଜ ଅନ୍ୟ ସୁସ୍ଥ ଛେଳିର ସଂସ୍ପର୍ଶରେ ଆସିଲେ ।
୨. ଛେଳି ଗୁହାଳ ସଫା ନ ରଖିଲେ ।
୩. ସଂକ୍ରମିତ ଛେଳିକୁ ଅନ୍ୟ ସୁସ୍ଥ ଛେଳିଠାରୁ ଅଲଗା ନ କରିବା ଦ୍ୱାରା ।

ଲକ୍ଷଣ



୧. ଦେହର ଉତ୍ତାପ ବଢିଯାଏ । (D104^{0}F- 106^{0}F)
୨. ଖାଇବା ପାଇଁ ଆଗ୍ରହ ନ ଦେଖାଇବା ।
୩. ଗୋଡ ଛଟେଇବା ।
୪. ଚାଲିବା ସମୟରେ କଷ୍ଟ ହେବା ।
୫. ଖୁରା ସନ୍ଧିରୁ ପୂଜ ପାଣି ବାହାରିବା ।
୬. ସାଧାରଣତଃ ଗୋଟିଏ ଗୋଡ ସଂକ୍ରମିତ ହୁଏ । ସମୟ ସମୟରେ ଦୁଇଟି ଗୋଡ ମଧ୍ୟ ସଂକ୍ରମିତ ହୋଇଥାଏ ।

ଚ. ଅନ୍ୟାନ୍ୟ ସାଧାରଣ ରୋଗ

୧. ଭୋକ ନ ହେବା (Anorexia)

ଲକ୍ଷଣ

୧. ଦିଆଯାଉଥିବା ଖାଦ୍ୟ ନ ଖାଇ ପାତ୍ର ରେ ରହିଯିବା ।
୨. ଛେଳିର ମାନ୍ଦା ଅବସ୍ଥା ଏବଂ ଚଳଚଞ୍ଚଳ ନହେବା ।

କାରଣ

୧. ପେଟରେ କିମ୍ବା ଦେହରେ କୌଣସି ଅଙ୍ଗରେ ଅତ୍ୟଧିକ ବ୍ୟଥା ହେବା ।
୨. ଜ୍ୱର ହେଉଥିଲେ । ପାଟିରେ ଘା ହୋଇଥିଲେ ।
୩. ପେଟରେ ଅତ୍ୟଧିକ କୃମି ହେଲେ । ଦେହରେ, ଲୋମରେ ଅତ୍ୟଧିକ ଟିଙ୍କ,ଉକୁଣି ଥିଲେ ।
୪. ଯଦି ଉପର ଲିଖିତ କୌଣସି କାରଣରୁ ନୁହେଁ, ତହାହେଲେ ଖାଦ୍ୟ ରେ କିଛି ଅସୁବିଧା ଥାଇପାରେ ବୋଲି ଜାଣିବ ।



କିପରି ଏହା ଦୂର କରିହେବ

୧. ନିୟମିତ କୃମି ଔଷଧ ଦିଅନ୍ତୁ ।
୨. ଗୁହାଳ ସଫା ସୁତୁରା ପ୍ରତି ଦୃଷ୍ଟି ଦେବା ଉଚିତ୍ ।
୩. ଠିକ୍ ସମୟରେ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗର ଟିକା ଦିଅନ୍ତୁ ।

୨. ଜ୍ୱର ହେବା (Fever)

ଗୋଟିଏ ସୁସ୍ଥ ଛେଳିର ଦେହ ତାପମାତ୍ରା ୧୦୨-୧୦୩ ଡିଗ୍ରୀ ଫାରେନ୍‌ହିଟ୍ ରୁହେ । ଏଥିରୁ ଯଦି ବେଶୀ ରୁହେ ତେବେ ଜ୍ୱର ହୋଇଛି ବୋଲି ଜାଣିବା ।



ଲକ୍ଷଣ

୧. ଛେଳିଟି ମାନ୍ଦା ରହେ ଏବଂ ଚଳଚଞ୍ଚଳ ହୁଏ ନାହିଁ ।
୨. ଭଲ ଭାବରେ ଚାଲିବାପାଇଁ ବଳ ପାଏ ନାହିଁ ।
୩. ଦେହର ମାଂସପେଷୀ ଗୁଡିକ ଥର ଥର ହୁଏ ।
୪. ଶୋଷ ହୁଏ ଏବଂ ପାଣି ପିଇବା ପାଇଁ ଆଗ୍ରହ ଦେଖାଏ ।
୫. ଶୁଖିଲା ଏବଂ ଟାଣ ଝାଡ଼ା ହୁଏ କିମ୍ବା ଦିନ ଦିନ ଧରି ଝାଡ଼ା ହୁଏନାହିଁ ।

ଜ୍ୱର ହୋଇଛି ବୋଲି କେମିତି ଜାଣିବ

୧. ଛେଳିଟିର କାନମୂଳ ଏବଂ ବେକରେ ହାତ ମାରିଲେ ଗରମ ଅନୁଭବ କରିବେ ।
୨. ଥର୍ମୋମିଟର ବ୍ୟବହାର କରି କେତେ ଜ୍ୱର ଅଛି ମାପନ୍ତୁ । ଏହା ମଳଦ୍ୱାରରେ ପୁରାଇ ମପା ଯାଇଥାଏ ।

କାରଣ

ଜ୍ୱର ହୁଏ ବିଭିନ୍ନ ପ୍ରକାର ଆଘାତ ଜନିତ କିମ୍ବା କୌଣସି ସଂକ୍ରାମକ ରୋଗରେ ପିଡିତ ଥିଲେ ।

ନହେବା ପାଇଁ ଯତ୍ନ

୧. ଗୁହାଳ ସଫା ସୁତୁରା ରଖିବ ।
୨. ଠିକ୍ ସମୟରେ ଟୀକା ଦେଇ ଦେବ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ପାଇଁ ।

୩. ଖାଦ୍ୟ ଗୋଳା ବାନ୍ଧିବା (Impaction)

ଲକ୍ଷଣ

୧. ଝାଡା ଫେରିବାବେଳେ କୁନ୍ଥେଇବା ।
୨. ଶୁଖିଲା ଝାଡା ହେବା କିମ୍ବା ନ ହେବା ।



କାରଣ

୧. ପିଇବା ପାଣିର ଅଭାବ ।
୨. ତନ୍ତୁ ଜାତୀୟ ଖାଦ୍ୟର ଅଭାବ ।
୩. କୌଣସି ରୋଗରେ ପିଡୀତ ହେଲେ ।
୪. ଖାଦ୍ୟର ହଠାତ୍ ପରିବର୍ତ୍ତନ ହେଲେ ।

ନ ହେବା ପାଇଁ ଯତ୍ନ

୧. ପ୍ରଚୁର ମାତ୍ରାରେ ସଫା ପାଣି ପିଇବାକୁ ଦିଅନ୍ତୁ ।
୨. ଗୁହାଳ ସଫାସୁତୁରା ରଖନ୍ତୁ ।
୩. ତନ୍ତୁ ଜାତୀୟ ଖାଦ୍ୟ ପ୍ରଚୁର ଦିଅନ୍ତୁ ।

୪. ପେଟ ଫୁଲା (Tympany or Bloat)

ଲକ୍ଷଣ

୧. ଛେଳିର ବାମ ପାଖ ପେଟ ଅତ୍ୟଧିକ ଫୁଲିଯିବା ଏବଂ ଯେତେବେଳେ ହାତ ଦ୍ୱାରା ଆଘାତ କଲେ ତାହା ଡ୍ରମ ଭଳି ଶବ୍ଦ ବାହାରିବା(ଡୁମ୍ ଡୁମ) ।
୨. ପାଟିର ଫେଣ ହଳଦିଆ ଏବଂ ଫେଣଯୁକ୍ତ ନାଲିଆ ହେବା ।
୩. ଖାଦ୍ୟପ୍ରତି ଆଗ୍ରହ ନ ହେବା ।
୪. ପାକୁଳି ନ ଫେରେଇବା ।
୫. ଘନ ଘନ ନିଶ୍ୱାସ ନେବା ।
୬. ପଛ ଗୋଡ ବାରମ୍ବାର ଭୂମିରେ ପିଟିବା ।
୭. ନାକ ଏବଂ ପାଟି ବାଟ ଦେଇ ଚରା ବାହାରିବା ।
୮. କଷ୍ଟ ଜନିତ ବିଚଳିତ ହେବା ।



କାରଣ

୧. ଅଖାଦ୍ୟ ଖାଇଲେ ।
୨. କୌଣସି ସଂକ୍ରମଣ ଜନିତ ରୋଗରୁ ।
୩. କେତେକ ପାଚିଲା ଫଳ ଏବଂ ଖାଦ୍ୟ ଯାହାକି ଶିଘ୍ର ଫରମେଣ୍ଟେଡ୍ ହୁଏ ।
୪. ବିଶାକ୍ତ ଡାଳପତ୍ର ଖାଇବା ଦ୍ୱାରା ।
୫. ବିଶାକ୍ତ ପାଣି ପିଇବା ଦ୍ୱାରା ।
୬. ପ୍ଲାଷ୍ଟିକ ଜରି ଖାଇବା ଦ୍ୱାରା ।
୭. ପାକସ୍ଥଳି ଠିକ୍ କାମ ନ କଲେ ।
୮. ପେଟରେ ଖାଦ୍ୟ ଅବରୋଧ ହେଲେ ।

ନ ହେବା ପାଇଁ ଯତ୍ନ

୧. ଖାଦ୍ୟ ଖାଇବା ପରେ ସଙ୍ଗେ ସଙ୍ଗେ ପିଇବା ପାଣି ଦିଅନ୍ତୁ ନାହିଁ ।
୨. ଅତ୍ୟଧିକ ପରିମାଣରେ ଖାଦ୍ୟ ଦିଅନ୍ତୁ ନାହିଁ ।
୩. ବିଶାକ୍ତ କିମ୍ବା ଅପରିଷ୍କାର ପାଣି ଛେଳିକୁ ଦିଅନ୍ତୁ ନାହିଁ ।
୪. ବର୍ଷା ସମୟରେ ଶୁଖିଲା ଡାଳପତ୍ର ଖାଇବାକୁ ଦିଅନ୍ତୁ ।

୫. ଶର୍ଦ୍ଦି ଏବଂ କାଶ (Cold & Cough) କିମ୍ବା ନିମୋନିଆ

ଲକ୍ଷଣ

୧. କାଶ ହେବା ।
୨. ନାକରୁ ପାଣି ବୋହିବା ।
୩. ଘନ ଘନ ନିଶ୍ୱାସ ନେବା ଏବଂ କଷ୍ଟ ହେବା ।
୪. ନାକରୁ ସମୟ ସମୟରେ ହଳଦିଆ ରଙ୍ଗର ସିଙ୍ଘାଣୀ ବୋହିବା ।
୫. ଶ୍ୱାସନଳୀ ଏବଂ ଫୁସଫୁସ୍‌ରେ ପାଣି ଜମିଯିବା ।



କାରଣ

୧. ହଠାତ୍ ପାଗ ପରିବର୍ତ୍ତନ, ବର୍ଷାରେ ବେଶି ସମୟ ତିନ୍ତିଗଲେ ।
୨. କୃମି ଜନିତ ।
୩. ଛେଳି ଛୁଆମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥିବାରୁ ବେଶୀ ଆକ୍ରାନ୍ତ ହୋଇଥାନ୍ତି ।

ନ ହେବାପାଇଁ ଯତ୍ନ

୧. ଗୁହାଳ ସଫା ସୁତୁରା ଏବଂ ଶୁଖିଲା ରଖିବା ପାଇଁ ଯତ୍ନ ନେବା ।
୨. ଦାନା ଜାତୀୟ ଖାଦ୍ୟ ଦେବା ସମୟରେ କିଛି ପାଣି ଦେଇ ଓଦା କରିଦିଅନ୍ତୁ ।
୩. ଠିକ ସମୟରେ କୃମି ପରୀକ୍ଷା କରି କୃମି ଔଷଧ ଦିଅନ୍ତୁ ।
୪. ପାଣି ଔଷଧ ପିଆଇବା ସମୟରେ ଯତ୍ନ ରେ ପିଆନ୍ତୁ । ଆକ୍ରାନ୍ତ ଛେଳିକୁ ଅଲଗା ରଖନ୍ତୁ ।

୬. ବଥ (Abscess)

କାରଣ

୧. ଛେଳି ଗୁହାଳ ଦୈନିକ ଭଲଭାବେ ସଫା ନକରିବା ଦ୍ୱାରା ।
୨. ଅନ୍ୟ ବଥ ଆକ୍ରାନ୍ତ ଛେଳିର ସଂଷ୍ପର୍ଶରେ ଆସିବା ଦ୍ୱାରା ।
୩. ଠିକ୍ ସମୟରେ କୃମିନାଶକ ଓ ଟିଙ୍କ ଉକୁଣି ପାଇଁ ନିରାକରଣ ବ୍ୟବସ୍ଥା ନକରିବା ଦ୍ୱାରା ।
୪. ସମୟାନୁସାରେ ଗୁହାଳ ଗୁଡ଼ିକ ବାହ୍ୟ ପରିଜୀବି ପାଇଁ ଔଷଧ ସ୍ପ୍ରେ ନକରିବା ଦ୍ୱାରା ।



ଲକ୍ଷଣ

୧. ଛେଳିଟିର ସ୍ଥାନେସ୍ଥାନେ ମାଂସ ଗୋଳା ପରିହୁଏ ।
୨. ୨୦-୨୫ ଦିନ ପରେ ଏହା ପାଣି ଓ ପୂଜରେ ପରିଣତ ହୁଏ ।
୩. ବଥ 'ଘା' ଏପରି ରହିଲେ ସର୍ବାଙ୍ଗ ଦେହ ସାରା ବଥ ଗୁଡ଼ିକ ଫଳିଯାଏ ।
୪. ଛେଳିଟି ଦୁର୍ବଳ ହୁଏ ଏବଂ ଶାରୀରିକ ବୃଦ୍ଧି ଘଟେ ନାହିଁ ।

୭. ପତଳା ଝାଡା ରୋଗ (Diarrhea, Scour)

ଏହା ବିଶେଷ କରି ଛେଳିଛୁଆ ପାଇଁ ମାରାତ୍ମକ ଅଟେ । ଏହା ଠିକ୍ ସମୟରେ ଚିକିତ୍ସା ନକଲେ ଶତକଡ଼ା ନବେଭାଗ ଛେଳି ମରିଯାଇଥାନ୍ତି ।



ଲକ୍ଷଣ

୧. ତରଳ ଝାଡା ହେବା ।
୨. ଦୁର୍ଗନ୍ଧଯୁକ୍ତ ଝାଡା ହେବା ।
୩. ଝାଡାରେ ରକ୍ତ ପଡିବା ।
୪. କମ୍ ପରିସ୍ରା କିମ୍ବା ନ ହେବା ।
୫. ଚର୍ମ ଶୁଖିଲା ଏବଂ ଛୁଇଁଲେ ହାତକୁ ଟାଣ ଲାଗିବା ।



କାରଣ

୧. କୃମି ଦୋଷରୁ ।
୨. ଜିବାଣୁ କିମ୍ବା ବୀଜାଣୁ ଜନିତ ।
୩. ମଇଳା ଏବଂ ସଂକ୍ରମଣ ଜନିତ ଡାଳପତ୍ର ଖାଇବା ଦ୍ୱାରା ।
୪. ଗୁହାଳ ଶୁଖିଲା ଓ ସଫାସୁତୁରା ନ ରଖିବା ଦ୍ୱାରା ।
୫. ବିଷାକ୍ତ ଖାଦ୍ୟ ଖାଇବା ଦ୍ୱାରା ।

ନହେବା ପାଇଁ ଯତ୍ନ

୧. ଗୁହାଳ ଶୁଖିଲା ଏବଂ ସଫା ସୁତୁରା ରଖନ୍ତୁ ।
୨. ଖାଦ୍ୟ ପାତ୍ର ଏବଂ ପାଣି ପାତ୍ର ଦୈନିକ ଧୋଇ ସଫା ରଖନ୍ତୁ ।
୩. ରୋଗୀ ଛେଳି କୁ ଅନ୍ୟାନ୍ୟ ସୁସ୍ଥ ଛେଳିଠାରୁ ଅଲଗା ରଖନ୍ତୁ ।

୮. ଘା (Wound)

ଘା କେମିତି ହୁଏ

୧. କଣ୍ଟା ମାଡିବା ଦ୍ୱାରା ।
୨. ତାର ଦ୍ୱାରା ମାଡ ହୋଇ ଚମଡା ଛିଣ୍ଡିଗଲେ ।
୩. କୌଣସି ତୀକ୍ଷ୍ଣ ବସ୍ତୁ ଦ୍ୱାରା ମାଡ ହେଲେ ।
୪. ଗୁଳି ମରା ହେଲେ । ଫୋଡିଗଲେ ।



ଘା'ର ପ୍ରକାରଭେଦ

- ନୂଆ ଘା, ପୁରୁଣା ଘା, ପାଟି ଘା, କୁକୁର କାମୁଡା ଘା, ପୋଡା ଘା ଇତ୍ୟାଦି ।

ନୂଆ ଘା - ସାଧାରଣତଃ ଛୋଟ ଛୋଟ ଏବଂ ଆପେ ଆପେ ଶୁଖିଯାଏ । କୌଣସି ଔଷଧପତ୍ର ଦରକାର ପଡେ ନାହିଁ । ଯଦି ଘା ଅତି ଗଭିର ଥାଏ ଏବଂ ସେଥିରୁ ରକ୍ତ ବାହାରୁ ଥାଏ, ତାହେଲେ-

୧. ସଙ୍ଗେ ସଙ୍ଗେ ରକ୍ତ ବୋହିବା ବନ୍ଦ କରିବା ବ୍ୟବସ୍ଥା କରନ୍ତୁ ।
୨. ଘା ଟିକୁ ସଫା କରନ୍ତୁ ଏବଂ ମଇଳା ଥିଲେ ପୋଛି ଦିଅନ୍ତୁ ।
୩. ଯଦି ସମ୍ଭବ ହୁଏ ତାହାହେଲେ ଦିପଟର ଚମଡାକୁ ଟାଣି ନାଇଲନ୍ ସୂତାଦ୍ୱାରା ସିଲେଇ କରି ଦିଅନ୍ତୁ ।
୪. ଔଷଧ ଲଗାଇ ବେଣ୍ଡେଜ ଭିଡି ଦିଅନ୍ତୁ ।
୫. ଛେଳିଟିକୁ ବେଶି ଚରାବୁଲା କରିବାକୁ ଛାଡନ୍ତୁନାହିଁ । ଡାଳପତ୍ର ତାକୁ ଯୋଗାଇ ଦିଅନ୍ତୁ ।

ପୁରୁଣା ଘା

୧. ଘା' ଟିକୁ ପ୍ରଥମେ ସଫା କରନ୍ତୁ, ଆଣ୍ଟିସେପ୍ଟିକ୍ ଲୋଶନ ସାହାଯ୍ୟରେ ।
୨. ଘା'ରେ ପୋକ ହୋଇଥିଲେ ଔଷଧ ପକାଇ ପୋକ ମାରିଦିଅନ୍ତୁ ଏବଂ ତହିଁ ପରଦିନ ପୋକ ସବୁ କାଢି ବାହାର କରିଦିଅନ୍ତୁ । ଘା'ରେ ଘା' ମଲମ ଲଗାଇ ବ୍ୟାଣ୍ଡେଜ୍ କରିଦିଅନ୍ତୁ ।

୯. ବିଷାକ୍ତ (Poisoning)

ଲକ୍ଷଣ

୧. ପେଟରେ ବ୍ୟଥା ଅନୁଭବ କଲେ ।
୨. ପଛ ଗୋଡରେ ପେଟକୁ ଲାତ ମାରିବା ।
୩. ଝାଡା ହେବା ।

କାରଣ

୧. ବିଶାକ୍ତ ଗଛର ଡାଳପତ୍ର ଖାଇଲେ ।
୨. ଜମିରେ କୀଟନାଶକ ଔଷଧ ପଡିଥିଲେ ଏବଂ ସେଠିକାର ପାଣି ପିଇଲେ ।

ନହେବା ପାଇଁ ଯତ୍ନ ନେବା

୧. ବିଶାକ୍ତ ଗଛପତ୍ର ଥିବା ସ୍ଥାନକୁ ଛେଳିକି ଚରିବା ପାଇଁ ନ ଛାଡିବା ।
୨. ଚାଷ ଜମିରୁ ଛେଳି ଯେମିତି ପାଣି ନ ପିଏ ତାହା ଯେମିତି ଯତ୍ନ ନେବା ।
୩. ବିଶାକ୍ତ ଔଷଧ ପତ୍ର ଛେଳି ଗୁହାଳ ପାଖରେ ନ ରଖିବା ।

୧୦. ଦେହରେ ପାଣିର ଅଭାବ (Dehydration)

ଯେତେବେଳ ଛେଳି ଝାଡା ରୋଗରେ ପିଡିତ ହୁଏ ତାହା ଦେହରେ ଥିବା ନିର୍ଦ୍ଦିଷ୍ଟ ପରିମାଣ ର ପାଣି ର ଅଭାବ ଘଟେ ତାହାକୁ ଡିହାଇଡ୍ରେସନ୍ କହନ୍ତି ।

ଲକ୍ଷଣ

୧. ଆଖି ଭିତରୁକୁ ପଶିଯିବା ।
୨. ଚମଡା ଶୁଖିଲା ଏବଂ ହାତକୁ ଟାଆଁଶିଆ ଜଣାଯିବା ।
୩. ପାଟି ଶୁଖିଯିବା ଏବଂ ପାଣି ପାଇଁ ଆକୁଳ ହେବା ।
୪. ଦୁର୍ବଳ ଦେଖାଯିବା ।
୫. କମ୍ ପରିସ୍ରା କିମ୍ବା ନ ହେବା ।
୬. ପରିସ୍ରା ର ରଙ୍ଗ ଗାଢ ହଳଦିଆ ଦେଖାଯିବା ।
୭. କଠିନ ଝାଡା ହେବା କିମ୍ବା ଝାଡା ବସିଲା ବେଳେ କଷ୍ଟ ଅନୁଭବ କରିବା ।

ଜାଣିବା କେମିତି

ଛେଳିର ବେକରେ ଥିବା ଚମଡାକୁ ନିଜ ହାତରେ ଆଙ୍ଗୁଠି ସାହାଯ୍ୟରେ ଟାଣି ଧରନ୍ତୁ ଏବଂ କିଛି ସମୟ ପରେ ଛାଡି ଦିଅନ୍ତୁ । ଯଦି ଚମଡା ଧିରେ ଧିରେ ତାର ସ୍ୱାଭାବିକ ଅବସ୍ଥାକୁ ଫେରିଯାଏ, ତାହାହେଲେ ପାଣିର ଅଭାବ ହୋଇଛି ବୋଲି ଜାଣିବ ।

କାରଣ

୧. ପ୍ରଚୁର ତରଳ ଝାଡା ହେବା ।
୨. ପିଇବା ପାଣିର ଅଭାବ ଜନିତ ।
୩. କୌଣସି ବାହ୍ୟ ଆଘାତରୁ ଅତ୍ୟଧିକ ରକ୍ତସ୍ରାବ ହେବା ।
୪. ନିଆଁରେ ପୋଡି ହୋଇ ଘା ହେଲେ ।
୫. ପ୍ରଜନନ ଯନ୍ତ୍ର ରେ ସଂକ୍ରମଣ ଜନିତ ରୋଗ ହେଲେ ।

ନ ହେବା ପାଇଁ ଯତ୍ନ ନେବା ।

୧. ପ୍ରଚୁର ପରିମାଣରେ ପିଇବା ପାଣି ଦିଅନ୍ତୁ ।
୨. ବେଶୀ ସମୟ ଟାଣ ଖରାରେ ଛେଳିକୁ ରଖନ୍ତୁ ନାହିଁ ।
୩. ଝାଡା ହେଲେ ସଙ୍ଗେ ସଙ୍ଗେ ଚିକିତ୍ସା କରନ୍ତୁ ।

୧୧. ପକ୍ଷାଘାତ (Paralysis)

କାରଣ



୧. ଅତ୍ୟଧିକ କୃମି ହେବା ଦ୍ୱାରା (ଫିତାକୃମି)।
୨. ହଠାତ୍ କୌଣସି ଉଚ୍ଚ ଜାଗାରୁ ତଳକୁ ଖସି ପଡ଼ିବ।
୩. ହଠାତ୍ କୌଣସି ଶରୀରରେ ଅଚାନକ ଭାବେ ମାଡ଼ ହେବା ଦ୍ୱାରା।
୪. ଟିକ୍କ, ଉକୁଣି ଦ୍ୱାରା ମଧ୍ୟ ଏହି ରୋଗ ହୁଏ।
୫. ଦେହର ଭିଟାମିନ୍ ଅଂଶ କମିଯିବା ଦ୍ୱାରା ଇତ୍ୟାଦି।

ଲକ୍ଷଣ

୧. ଛେଳିଟିର ଚାରୋଟି ଗୋଡ଼ ଅଥବା ଦୁଇଟି ଗୋଡ଼ କାମ କରେ ନାହିଁ, ତଳେ ପଡ଼ି ରହେ (ଅଚଳ ଅବସ୍ଥା ହୋଇ)।
୨. ଶୋଇବା ଅବସ୍ଥାରେ ଯାହା ଖାଦ୍ୟ ଡାଳପତ୍ର ଦିଆଯାଉଥିଲେ ସର୍ବଦା ଖାଉଥାଏ।
୩. ଶରୀରରେ ଆଘାତ କଲେ ପଶୁଟି ଜାଣିପରେ ନାହିଁ।

ପ୍ରତିଷେଧକ

ଠିକ ସମୟରେ କୃମିନାଶକ ଓ ସୁଷମ ଖାଦ୍ୟ ଦ୍ୱାରା ଏହି ରୋଗକୁ ଠିକ୍ କରାଯାଇ ପାରିବ ।

ଛ. ବାର୍ଷିକ କୃମିନାଶକ ଏବଂ ଟୀକାକରଣର ସମୟାବଳୀ

ଜାନୁଆରୀ (ପୌଷ)	ଫେବୃଆରୀ (ମାଘ)	ମାର୍ଚ୍ଚ (ଫାଲଗୁନ)	ଏପ୍ରିଲ୍ (ଚୈତ୍ର)	ମଇ (ବୈଶାଖ)	ଜୁନ୍ (ଜ୍ୟେଷ୍ଠ)	ଜୁଲାଇ (ଆଷାଢ଼)	ଅଗଷ୍ଟ (ଶ୍ରାବଣ)	ସେପ୍ଟେମ୍ବର (ଭାଦ୍ରବ)	ଅକ୍ଟୋବର (ଆଶ୍ୱିନ)	ନଭେମ୍ବର (କାର୍ତ୍ତିକ)	ଡିସେମ୍ବର (ମାର୍ଗଶୀର)
ଛେଳି ମାନଙ୍କ ପାଇଁ											
କୃମିନାଶକ				କୃମିନାଶକ				କୃମିନାଶକ			
			ପି.ପି.ଆର୍ ଟୀକା		ଏଫ୍.ଏମ୍.ଡି ଟୀକା			ବସନ୍ତ ଟୀକା		ଇ.ଟି. ଟୀକା	
ଦେଶୀ କୁକୁଡ଼ା ମାନଙ୍କ ପାଇଁ											
କୃମିନାଶକ			କୃମିନାଶକ			କୃମିନାଶକ			କୃମିନାଶକ		
ଲାସୋଟା ଟୀକା	କୁକୁଡ଼ା ବସନ୍ତ		ଲାସୋଟା ଟୀକା			ଲାସୋଟା ଟୀକା		କୁକୁଡ଼ା ବସନ୍ତ	ଲାସୋଟା ଟୀକା		

- ରୋଗ ହୋଇ ନ ଥିବା କୁକୁଡ଼ା କିମ୍ବା ଛେଳିମାନଙ୍କୁ କେବଳ ଟୀକା ଦିଆଯାଏ ।
- ଗର୍ଭିଣୀ ଛେଳିକୁ କେବଳ ଫେନ୍‌ବେଣ୍ଡାଜୋଲ୍ କୃମିନାଶକ ଦିଆଯାଏ ।
- ଟୀକାକରଣ ର ୭ ରୁ ୧୦ ଦିନ ପୂର୍ବରୁ କୃମିନାଶକ ଦିଆଯାଏ ।
- ଗୋଟିଏ ଟୀକା ଦେବାର ୨୧ ଦିନ ପରେ ଅନ୍ୟ ଟୀକା ଦେଇପାରିବେ ।
- କୃମିନାଶକ କିମ୍ବା ଟୀକା ସାଧାରଣତଃ ସନ୍ଧ୍ୟା ସମୟରେ କିମ୍ବା ପ୍ରାତଃ କାଳେ ଦିଆଯାଏ ।
- ଉପଯୁକ୍ତ କୋଲ୍‌ଡ଼-ଚେନ୍ ନ ରଖିଲେ ଟୀକା ନଷ୍ଟ ହୋଇଯାଏ ଏବଂ କାମ କରେନାହିଁ ।
- ଟୀକା ଏବଂ କୃମିନାଶକର ଉପଯୁକ୍ତ ଖର୍ଚ୍ଚ ଚାଷୀଙ୍କୁ ଦେବାକୁ ପଡ଼ିଥାଏ ।



୧୧ ଦୁଇଟି ମାଈଛେଳିରୁ ବାର୍ଷିକ ଲାଭର ହିସାବ

- ଗୋଟିଏ ମାଈ ଛେଳି ୮ ମାସ ଅନ୍ତରାଳରେ, ଦୁଇ ବର୍ଷ ମଧ୍ୟରେ ୪ ରୁ ୫ ଗୋଟି ଛୁଆ ଦିଅନ୍ତି ।
- ଏହା ମଧ୍ୟରୁ ହାରାହାରି ୩ ଟି ଛେଳି ବଞ୍ଚନ୍ତି । ଦୁଇବର୍ଷ ମଧ୍ୟରେ ପ୍ରଥମ ପ୍ରସବର ଛୁଆ ୧୬ ମାସ, ଦ୍ୱିତୀୟ ପ୍ରସବର ଛୁଆ ୮ ମାସ ଏବଂ ତୃତୀୟ ପ୍ରସବର ଛୁଆ ଛୋଟ ଛେଳି ହୋଇଥିବେ । ଏ ସମସ୍ତଙ୍କ ବଜାର ଦର ହାରାହାରି ଟ. ୯୦୦୦/- ହେବ ।
- ଏହି ହିସାବ ଅନୁସାରେ ଦୁଇଟି ମାଈ ଛେଳିରୁ ଟ. ୧୮୦୦୦/- ଦୁଇ ବର୍ଷରେ ମିଳିଥାଏ । କିମ୍ବା ବର୍ଷ କୁ ଟ. ୯୦୦୦/- ମାତ୍ର । [କ]

ପ୍ରତି ଛେଳି ପାଇଁ ଦୁଇବର୍ଷ କୁ ଖର୍ଚ୍ଚ =	କୃମିନାଶକ	ଟ. ୩୦	(ଛଅଥର)
	ପି.ପି.ଆ.ର ଟୀକା	ଟ. ୨୦	(ଦୁଇଥର)
	ଛେଳି ବସନ୍ତ ଟୀକା	ଟ. ୩୦	(ଦୁଇଥର)
	ଇ.ଟି. ଟୀକା	ଟ. ୨୦	(ଦୁଇଥର)
	ଏଫ.ଏମ.ଡି. ଟୀକା	ଟ. ୨୦	(ଦୁଇଥର)
	ମୋଟ	ଟ.୧୨୦ /- ମାତ୍ର	

- ପ୍ରତି ଦୁଇ ବର୍ଷରେ ୮ ଟି ଛେଳି ପାଇଁ ମୋଟ ଖର୍ଚ୍ଚ ଟ. ୯୬୦/- ମାତ୍ର
- ଗୋଟିଏ ବର୍ଷକୁ ମୋଟ ଖର୍ଚ୍ଚ ଟ. ୪୮୦/- ମାତ୍ର [ଖ]
- ପ୍ରତି ମାଈଛେଳି ସୁଷମ ଖାଦ୍ୟ ଦିନକୁ ୫୦ ଗ୍ରା.ମ. (ଟ.୧.୫୦)
  ଦୁଇ ମାଈ ଛେଳିଙ୍କୁ ଦୁଇ ବର୍ଷରେ ୧୮୦ ଦିନ କରି ଦିଆଯାଏ ଟ. ୫୪୦ /- ମାତ୍ର
- ଦୁଇ ମାଈ ଛେଳିଙ୍କୁ ଗୋଟିଏ ବର୍ଷର ଦାନା ଖର୍ଚ୍ଚ ମୋଟ ଟ. ୨୭୦/- ମାତ୍ର [ଗ]
- **ବର୍ଷକୁ ଦୁଇ ମାଇଛେଳିରୁ ମୋଟ ଲାଭ ଘ = (କ-ଖ-ଗ) = ଟ.୮୨୫୦/- ମାତ୍ର**

ବି.ଦ୍ର. : ଟୀକା ଏବଂ କୃମି ନାଶକର ମୂଲ୍ୟ ବଜାରରୁ କିଣା ମୂଲ୍ୟ ଏବଂ ପ୍ରାଣୀ ମିତ୍ରଙ୍କ ପାରିଶ୍ରମିକ କୁ ମିଶାଇ ରଖାଯାଇଛି ।

୧୨ ଛେଳି କ୍ରୟ-ବିକ୍ରୟ (ବଜାର୍)

କ୍ରୟ



୧. ୧ ବର୍ଷ ବୟସର (୨ ଦାନ୍ତ) ହୋଇଥିବା ମାଈଛେଳି କିଣିବା।
୨. ପ୍ରତି ୮ ମାସରେ ଥରେ ଛୁଆଜନ୍ମ କରୁଥିବ ବା ୨ ବର୍ଷକୁ ୩ ଥର ଜନ୍ମ କରୁଥିବା ମାଈ କିଣିବା, ଏହା ମାଈ ଛେଳିର ମାଁ ର ଗୁଣ ଦେଖି ଜାଣିହେବ ।
୩. ଚର୍ମ - ନରମ ଚିକ୍କଣ ହୋଇଥିବ।
୪. କ୍ଷୁଧା - ସାଧାରଣ ଖାଇବା ଅଭ୍ୟାସ ମଝିରେ ମଝିରେ ପାକୁଳି କରୁଥିବ।
୫. ଗୋବର - ଗୋଡ଼ି ଗୋଡ଼ି ଓ ଶୁଖିଲା ହୋଇଥିବ।
୬. ମୂତ୍ର - ପରିଷ୍କାର ଓ ନଡ଼ା ରଙ୍ଗ ହୋଇଥିବ ଓ ଖଦଡ଼ାନଥିବ।
୭. ଯୋନିଦ୍ୱାର - ଲାଳ ବହୁନଥିବ।
୮. ସ୍ୱାସ୍ଥ୍ୟବାନ ହୋଇଥିବ ଓ କନକନ ହେଉଥିବ । ବାହରେ କୌଣସି କ୍ଷତ ହୋଇନଥିବ କିମ୍ବା ଉକୁଣି, ଟିଙ୍କ ହୋଇ ନଥିବ ଓ ଠିକ୍ ଭାବରେ ଚାଲୁଥିବ।
୯. କ୍ଷୀର ପହ୍ନା - ନରମ ଓ ସ୍ପଞ୍ଜ ପରି ହୋଇଥିବା ଦରକାର, ଟାଣ ହେବା ଅନୁଚିତ୍
ଆଖି - ଉଜ୍ଜଳ ହୋଇଥିବ ଓ ପାଣି ବହୁନଥିବ ।
ନାକ - ସିଂଘାଣି ବହୁନଥିବ .....ଇତ୍ୟାଦି।



ଛେଳି ବିକ୍ରୀ କରିବା

୧. ଓଜନ କରି ବିକ୍ରୀ କରିବା ।
୨. ଯେଉଁ ଛେଳି ଗୁଡ଼ିକ ଠିକ୍ ସମୟ ଅନୁସାରେ ବଢ଼ି ପାରୁନଥିବ।
୩. ବୁଢ଼ି ଓ ରୋଗୀଣା, ଦୁର୍ବଳ ଛେଳି।
୪. ବାଞ୍ଝ ବା ଭଲ ମାଆଗୁଣ ନଥିବା ଛେଳି।
୫. ଦାନ୍ତ ଘୁରିଘୁରି ସରି ଯାଇଥିବା ବୟସ୍କ ଛେଳି।
୬. ଅତିଅଧିକରେ ୨ବର୍ଷ ମଧ୍ୟରେ ଖାସୁ ଗୁଡ଼ିକ ବିକ୍ରୀ କରିବା।



୧୩ ଛେଳି ଇନ୍‌ସ୍ୟୁରାନ୍‌ସ (ବୀମା) ବିଷୟରେ

ଏହି ସୁବିଧା ପ୍ରତି ପରିବାର ପାଇଁ ୫ ଗୋଟି ବଡପଶୁ ପର୍ଯ୍ୟନ୍ତ ଦିଆଯାଇଥାଏ । ଗୋଟିଏ ବଡପଶୁ (ଗାଈ, ମଇଁଷି) ଦଶ ଗୋଟି ଛୋଟ ପଶୁ (ଛେଳି, ମେଣ୍ଢା,ଘୁଷୁରୀ ଇତ୍ୟାଦି) ସହିତ ସମାନ । ଏହି ହିସାବରେ ୫୦ଗୋଟି ପର୍ଯ୍ୟନ୍ତ ଛୋଟ ପଶୁଙ୍କର ବୀମା କରାଯାଇ ପାରିବ । ବୀମା ଟି ଆମ ରାଜ୍ୟର ତିରିଶଗୋଟି ଜିଲ୍ଲାରେ ଚାଲୁଅଛି । ବିଭିନ୍ନ ଜିଲ୍ଲା ଏବଂ ବିଭିନ୍ନ ଶ୍ରେଣୀ ଲୋକଙ୍କ ପାଇଁ ବୀମା ମୂଲ୍ୟ %(ସରକାରଙ୍କ ଭାଗ ଏବଂ ଚାଷୀ ଙ୍କ ଭାଗ) ନିମ୍ନ ପ୍ରକାର ଅଛି ।

ସାଧାରଣ ଜିଲ୍ଲା : ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଟକ, ଜଗତସିଂପୁର,ଝାରସୁଗୁଡା, କେନ୍ଦ୍ରାପଡା, ଖୋର୍ଦ୍ଧା, ପୁରୀ,ଏବଂ ସୋନପୁର ପାଇଁ -

ଶ୍ରେଣୀ	ସରକାରଙ୍କ ଭାଗ	ଚାଷୀଙ୍କ ଭାଗ	ପ୍ରିମିୟମ % (ଛେଳି ମୂଲ୍ୟର)	
			୧ ବର୍ଷ ପାଇଁ	୩ ବର୍ଷ ପାଇଁ
ଏ.ପି.ଏଲ୍.	୫୦%	୫୦%	୧.୮% ହାରରେ	୩.୮୪% ହାରରେ
ବି.ପି.ଏଲ୍.	୭୦%	୩୦%		
SC/ST	୭୦%	୩୦%		

ନକ୍ସଲ୍ ପ୍ରଭାବିତ ଜିଲ୍ଲା : ବଲାଙ୍ଗୀର, ଦେବଗଡ, ଗଜପତି, ଗଂଜାମ, ଯାଜପୁର, କଳାହାଣ୍ଡି, କେଁଉଝର, କୋରାପୁଟ, ମାଲାକାନଗିରି, ମୟୁରଭଂଜ, ନବରଙ୍ଗପୁର, ନୟାଗଡ, ନୁଆପଡା, କନ୍ଧମାଳ, ରାୟଗଡା, ସମ୍ବଲପୁର, ଢେଙ୍କାନାଳ, ବରଗଡ ଏବଂ ସୁନ୍ଦରଗଡ ପାଇଁ -

ଶ୍ରେଣୀ	ସରକାରଙ୍କ ଭାଗ	ଚାଷୀଙ୍କ ଭାଗ	ପ୍ରିମିୟମ % (ଛେଳି ମୂଲ୍ୟର)	
			୧ ବର୍ଷ ପାଇଁ	୩ ବର୍ଷ ପାଇଁ
ଏ.ପି.ଏଲ୍.	୬୦%	୪୦%	୧.୮% ହାରରେ	୩.୮୪% ହାରରେ
ବି.ପି.ଏଲ୍.	୮୦%	୨୦%		
SC/ST	୮୦%	୨୦%		

ଛେଳି ବୀମା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ପାଖରେ ଯୋଗାଯୋଗ କରନ୍ତୁ ।

୧୪ ଗୋଷ୍ଠୀ ଭିତ୍ତିକ ଛେଳି ପାଳନ

ମହିଳା ସଂଘ ସହାୟକ ଗୋଷ୍ଠୀ କିମ୍ବା ମହିଳା ଛେଳି ପାଳକ ଦଳ (P.G.) ଗଠନ କରି ନିଜ ନିଜର ଆର୍ଥିକ ଅସୁବିଧା ଦୂର କରିବାପାଇଁ ଛେଳି ପାଳନ ଗୋଟିଏ ଉତ୍ତମ ବ୍ୟବସାୟ । ଏଥିପାଇଁ ସରକାରଙ୍କ ଯୋଜନା ଏବଂ ବ୍ୟାଙ୍କ ରୁ ମଧ୍ୟ ଋଣ ସାହାଯ୍ୟ ମିଳିଥାଏ । MGNREGA ଯୋଜନାରେ, ବେଶୀ ଛେଳି ରଖିଥିବା ଗରୀବ ପରିବାରଙ୍କୁ ଛେଳି ଗୁହାଳ ମଧ୍ୟ ମିଳିଥାଏ । ଗୋଷ୍ଠୀ ମାଧ୍ୟମରେ ଛେଳି ଚାଷ କଲେ ଏକା ସାଂଗରେ ପ୍ରଶିକ୍ଷଣ ପାଇବାଠୁଁ ଆରମ୍ଭ କରି କୃମିନାଶକ, ଟୀକାକରଣ, ସାମୁହିକ କ୍ରୟ- ବିକ୍ରୟ ଇତ୍ୟାଦି କାମ ସାଂଗ ହୋଇ କରିବାରେ ସୁବିଧା ହୋଇଥାଏ ।

ଏହା ସାଂଗକୁ ପ୍ରାଣୀମିତ୍ର ବାଛିବା, ତା ଠୁ ସମୟରେ ଛେଳିର ଉପଯୁକ୍ତ ଯତ୍ନ ଏବଂ ପରାମର୍ଶ ନେବା, ପଶୁ ସଂପଦ ବିଭାଗରେ ଯୋଗାଯୋଗ ଇତ୍ୟାଦି ଦଳଗତ ଭାବରେ କରିବା ପାଇଁ ମହିଳାମାନଙ୍କୁ ସୁବିଧା ହୋଇଥାଏ । ଦଳ ଦାୟିତ୍ୱ ନେଇଥିବାରୁ ବ୍ୟାଙ୍କ ମଧ୍ୟ ଠିକ୍ ସମୟରେ ତା'ର ଲୋନ କିସ୍ତି ପାଇବାର ଆଶା ରଖିପାରୁଛନ୍ତି ।



କୋଲ୍ଡ-ଚେନ୍ ର ସୁପରିଚାଳନା ପାଇଁ ବ୍ୟବହାର ହେଉଥିବା ଯନ୍ତ୍ରପାତି ଏବଂ ପ୍ରଣାଳୀ ।
ଏହାଦ୍ୱାରା ଟୀକାଗୁଡ଼ିକ ଦୁଇ ରୁ ଆଠ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରାରେ ରୁହେ ।









@ApcOdisha

YouTube APC Odisha

KEONJHAR





@ApcOdisha

APC Odisha

ANUGUL





@ApcOdisha

APC Odisha

SUNDERGARH